ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.159 Bhubaneswar Saturday, August 07, 2021 | ୨୪ତମ ବର୍ଷ ସଂଖ୍ୟା-୧୫୯ ଭୁବନେଶ୍ୱର ଶନିବାର, ଅଗଷ୍ଟ ୦୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ନୂଆଦିଲ୍ଲୀରେ ଟ୍ରାଇଫେଡ଼ର ୩୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା

# ଗୋଟିଏ ଦିନରେ ୧୨୦୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୬।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୨୦୮ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୪୭୩୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୬୫୩୭୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୩୦୦୬ ରହିଛି । ଆଜି ଚିହ୍ନଟ ହୋଇଥିବା ୧୩୪୨ ଜଣଙ୍କ ମଧ୍ୟରୁ ୭୦୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୦୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୯୯ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୩ ଜଣ, ବରଗଡ଼ରୁ ୫ ଜଣ, ଭଦ୍ରକରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୭୩, ଦେବଗଡ ଜିଲ୍ଲାରୁ ୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୫ ଜଣ, ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୦ ଜଣ, ଯାଜପୁରରୁ ୫୭ ଜଣ, ଝାରସୁଗୁଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ୨ ଜଣ, କନ୍ଧମାଳ ଜିଲ୍ଲାରୁ ୧୬ ଜଣ. କେନ୍ଦ୍ରାପଡ଼ାରୁ ୩୨ ଜଣ, କେନ୍ଦୁଝରରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୯୯ ଜଣ, କୋରାପୁଟରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୧ ଜଣ, ନବରଙ୍ଗପୁରରୁ ୨ ଜଣ, ନୟାଗଡ଼ରୁ ୨୫ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୨,ପୁରୀରୁ ୫୮ ଜଣ, ରାୟଗଡ଼ାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୪ ଜଣ, ସୋନପୁରରୁ ୩ ଜଣ, ସୁନ୍ଦରଗଡ଼ରୁ ୨୦ ଜଣ ଓ ଷ୍ଟେଟ୍ ପୁଲରୁ ୮୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ନକଲି କୋଭିଡ଼ ମେଡ଼ିସିନ୍ କାରବାର ମାମଲାର ତଦନ୍ତ କରିବ ଇଡି

ଭୁବନେଶ୍ୱର, ୬।୮(ପି.ଏନ): ରାଜ୍ୟରେ ନକଲି କୋଭିଡ଼ ମେଡ଼ିସିନ୍ ଜବତ ଘଟଣାର ତଦନ୍ତ କରିବ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡ଼ି) । ଇଡି ବେଆଇନ ଅର୍ଥ କାରବାରର ତଦନ୍ତ କରିବ। ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂରେ ମାମଲା ରୁଜୁ କରିଛି ଇଡ଼ି।କିଛି ମାସ ତଳେ ମୁଖ୍ୟ ଅଭିଯୁକ୍ତ ତଥା ମେଡିଲଏଡ ମେଡିକାମେଂଟ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶିବ ଜେନାକୁ ଗିରଫ କରିଥିଲା କ୍ରାଇମବ୍ରାଂଚ ଏସଟିଏଫ । ଅଭିଯୋଗ ଓ ପ୍ରମାଣ ଆଧାରରେ ଶିବଙ୍କ ପତ୍ନୀ ତଥା ମେଡିଲଏଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଓ କମ୍ପାନି ଅନ୍ୟ ଦୁଇ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା । ଗୋଟିଏ ଷ୍ଟ୍ରିପ୍ ଫାଭି-ମାକ୍ସ ଔଷଧକୁ ମାତ୍ର ୬୫ ଟଙ୍କାରେ କିଣି ୧୨୯୦ ଟଙ୍କାରେ ଓଡିଶାରେ ବିକ୍ରି କରିବାକୁ ଯୋଜନା କରିଥିଲା ମେଡିଲଏଡ କମ୍ପାନି।

## ରଙ୍ଗେଇଲୁଣ୍ଡା ଓ ଜୟପୁରରୁ ଉଡିବ ବିମାନ

ଭୁବନେଶ୍ୱର, ୬।୮(ପି.ଏନ): ଖୁବ୍ ଶୀଘ୍ର ରଙ୍ଗେଇଲୁଣ୍ଡା ଓ ଜୟପୁରରୁ ଉଡିବ ବିମାନ । ଉଡାନ୍ ଯୋଜନାରେ ଏହି ଦୁଇଟି ସ୍ଥାନରୁ ବିମାନ ଉଡିବ। ଏନେଇ ଯୋଜନା ଶେଷ ପର୍ଯ୍ୟାୟରେ ପହଂଚିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ମିଳିସାରିଛି ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରଙ୍ଗେଇଲୁଣ୍ଡାଠାରୁ ଭାଇଜାଗ ଓ ଜୟପୁରଠାରୁ ଭାଇଜାଗକୁ ବିମାନ ଚଳାଚଳ କରିବ। ଏଥିପାଇଁ ଦୁଇଟି ଏୟାର ଷ୍ଟ୍ରିପ ସମ୍ପୂର୍ଣ୍ଣ ପ୍ରସ୍ତୁତି ହୋଇ ସାରିଲାଣି ବୋଲି ପରିବହନ ମନ୍ତ୍ରୀ କହିଛନ୍ତି ।ଅପରପକ୍ଷରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ କାମ ଦଶପଲ୍ଲା ପର୍ଯ୍ୟନ୍ତ ପହଂଚି ସାରିଲାଣି। ଜମି ଅଧିଗ୍ରହଣ ମଧ ଚାଲିଛି। ସେପଟରୁ ବଲାଙ୍ଗିରରୁ ସୋନପୁର ପର୍ଯ୍ୟନ୍ତ କାମ ସରିବାକୁ ବସିଲାଣି। ତେବେ ବୌଦ୍ଧରେ କିଛି ସମସ୍ୟା ରହିଛି। ତଥାପି ଜମି ଅଧିଗ୍ରହଣ କାମ ସରିଗଲାଣି। ୨୦୨୪ରୁ ୨୫ ଭିତରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଛଡ଼ା ଅନ୍ୟ ରେଳ ପ୍ରକଳ୍ପ ନେଇ ଭାରତ ସରକାରଙ୍କ ରେଳ ବିଭାଗ ସହିତ ଆଲୋଚନା କରାଯାଉଛି ବୋଲି ସେ କହିଛନ୍ତି ।ସେ ଆହୁରି କହିଛନ୍ତି ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ସମସ୍ୟା ରହିବନି। ସେପ୍ଟେମ୍ବର ମାସରେ ଜମି ଅଧିଗ୍ରହଣର ଷ୍ଟାଟସ ରିପୋର୍ଟ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେବେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ବସିଥିଲା। ରାଜ୍ୟରେ ଚାଲୁ ରହିଥିବା ବିଭିନ୍ନ ରେଳ ପ୍ରକଳ୍ପର ସମସ୍ୟା ନେଇ ଆଲୋଚନା ହୋଇଛି। ଯେଉଁଠି ଯେଉଁଠି ଜମି ଅଧିଗ୍ରହଣ ସମସ୍ୟା ରହିଛି, ତାକୁ ସମାଧାନ କରି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଠି ଆର୍ଥିକ ସମସ୍ୟା ଦେଖାଯାଉଛି, ତାକୁ ମଧ ତ୍ୱରାନ୍ୱିତ କରାଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଭାଗୀତାରେ ଅଧା ଥିବା ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ।

## ଅଗଷ୍ଟ ୧୬ରୁ ଖୋଲିବ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୬।୮(ପି.ଏନ): ଆସନ୍ତା ଅଗଷ୍ଟ ୧୬ ତାରିଖରୁ ଖୋଲିବ ଡିଗ୍ରୀ କଲେଜ ଓ ବିଶ୍ୱ ବିଦ୍ୟାଳୟ। ପିଜି ପ୍ରଥମ ବର୍ଷ ଓ ୟୁଜି ପ୍ରି ଫାଇନାଲ୍ ଇୟର୍ ଛାତ୍ରଛାତ୍ରୀଙ୍କ ଲାଗି ଶ୍ରେଣୀରେ ଶିକ୍ଷାଦାନ ଆରମ୍ଭ ହେବ ବୋଲି ଜଣାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏଥିସହ ହଷ୍ଟେଲ ଖୋଲିବା ନେଇ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।ଅପରପକ୍ଷରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଡିଗ୍ରି କଲେଜର ୟୁଜି ଓ ପିଜି ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନଲାଇନ୍ ରେ ଚାଲିଛି। ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଏହି ପରୀକ୍ଷା ଶେଷ ହୋଇଯିବ। ତାହାକୁ ଦୃଷ୍ଟିରେ ରଖି ୨୦୨୦-୨୧ ଶିକ୍ଷାବର୍ଷରେ ନାମ ଲେଖାଇଥିବା ତଥା ପ୍ରଥମ ବର୍ଷର ପିଜି ଛାତ୍ରଛାତ୍ରୀ ଓ ୟୁଜିର ଅନ୍ୟାନ୍ୟ ସେମିଷ୍ଟାର ପିଲାଙ୍କ ପାଠପଢ଼ା ଉପରେ ଗୁରୁତ୍ୱ ଦିଆଯାଇଛି। କୋଭିଡ୍ ମୁକାବିଲା ପାଇଁ କ୍ୟାମ୍ପସରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ କୁହାଯାଇଛି।

## ଭାରତୀୟ ମହିଳା ହକି ଦଳ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୮(ପି.ଏନ):ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନ ଭାରତୀୟ ମହିଳା ହକି ଦଳ ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ କଥାବାର୍ତା ହେବା ସହ ଟୋକିଓ ଅଲିମ୍ପିକ୍ସ ରେ ବ୍ରିଟେନ୍ କୁ କଡା ଟକ୍କର ଦେଇଥିବାରୁ ଶୁଭେଚ୍ଛା ଜଣାଇଥିଲେ। ଖେଳୁଆଡ଼ ମନୋଭାବ ବଜାୟ ରଖିବା ସହ ପ୍ରେରଣାପ୍ରଦ ରହିବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଡେଙ୍ଗୁ ନିୟନ୍ତ୍ରଣରେ ବିଏମସି ବିଫଳତା ପ୍ରତିବାଦରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର, ୬।୮(ପି.ଏନ): ଭୁବନେଶ୍ୱରରେ ଡେଙ୍ଗୁ ନିୟନ୍ତ୍ରଣ କରିବାରେ ବିଏମସି ବିଫଳ ବୋଲି ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ବାବୁ ସିଂ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ପକ୍ଷରୁ ଏକାମ୍ର ନିର୍ବାଚନ ମଣ୍ଡଳୀର ଘାଟିକିଆ ଅଂଚଳରେ ବିକ୍ଷୋଭ ପ୍ରଦର୍ଶନ ସହ ସଚେତନତା ଅଭିଯାନ ଓ ବିଭିନ୍ନ ସ୍ଥାନରେ ମଶା ତେଲ ଆଦି ଛିଂଚନ କରାଯାଇଥିଲା ।ରାଜଧାନୀ ଭୁବନେଶ୍ୱରରେ ବହୁଳ ମାତ୍ରାରେ ଲୋକମାନେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେବା ସହ କିଛି ଲୋକ ମଧ ମୃତ୍ୟୁ ବରଣ କଲେଣି। ଏଥିପାଇଁ ଦାୟୀ କିଏ ।ରାଜଧାନୀ ବାସିନ୍ଦା ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି ।ପ୍ରତି ଦିନ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି ।କିନ୍ତୁ ଦୁର୍ଭାଗ୍ୟର କଥା ବିଏମ୍ସି ଏ ଦିଗରେ କୌଣସି ପଦକ୍ଷେପ ନନେଇ କେବଳ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର କରି ଚୁପ ବସିଛନ୍ତି ।ରାଜଧାନୀ ବାସୀଙ୍କୁ ସବୁ ପ୍ରକାର ସୁବିଧା ଦେବା ପାଇଁ ବିଏମସି ପ୍ରତିଶ୍ରୁତିବଦ୍ଧ ହେବା ଦରକାର ।କିନ୍ତୁ ବିଏମସି ନିଜ କର୍ତବ୍ୟ ସମ୍ପାଦନ କରିବାରେ ବିଫଳ ହୋଇଛି ।ଭୁବନେଶ୍ୱର ବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଡ୍ରେନେଜ ସଫା କରିବା, ରାସ୍ତା ଘାଟ ମରା ମତି କରିବା ଦିଗରେ ବିଏମସି ସମ୍ପୂର୍ଣ୍ଣ ଭାବେ ଚୁପ ରହିଛି ।ବିଭିନ୍ନ ପୁରୁଣା ଗାଡ଼ି ଗ୍ୟାରେଜ ରେ ଥିବା ଟାୟାର, ଫୁଲକୁଣ୍ଡ, ପଇଡ଼ ଖୋଳ ଭିତରେ ପାଣି ଜମି ରହୁଥିବାରୁ ସେ ସ୍ଥାନ ଗୁଡିକରେ ମଶା ଙ୍କର ବଂଶ ବୃଦ୍ଧି ହେଉଛି ଏବଂ ଡେଙ୍ଗୁ ରୋଗ ବ୍ୟାପୁଛି ।ସେହି ସ୍ଥାନ ଗୁଡିକୁ ବିଏମସି ଚିହ୍ନଟ କରି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଦରକାର ବୋଲି ବାବୁ ସିଂ କହିଛନ୍ତି।

## ରାଜଧାନୀରେ ୨୪ ଘଂଟାରେ ୩୩୫ ପଜିଟିଭ୍

ଭୁବନେଶ୍ୱର,୬।୮(ପି.ଏନ): ରାଜଧାନୀରେ ବଢୁଛି ସଂକ୍ରମଣ ।ପୁଣିଥରେ ୩୦୦ ଟପିଛି ସଂକ୍ରମିତଙ୍କ ସଂଖ୍ୟା। ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ଶୁକ୍ରବାର ଦିନ ଆଉ ୩୩୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୮୯ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୪୬ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୩୦ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁରରୁ ସର୍ବାଧିକ ୧୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରିରୁ ୧୪ଜଣ ,ଓଲ୍ଡଟାଉନ୍ ରୁ ୧୪ ଜଣ, ପଟିଆରୁ ୧୩ ଜଣ ,ଲକ୍ଷ୍ମୀସାଗର, ନୟାପଲ୍ଲୀ , ଝାରପଡା ଓ ୟୁନିଟ୍ ୮ରୁ ୧୦ ଜଣ ଲେଖାଏଁ, ମଂଚେଶ୍ୱର ଓ ପାତ୍ରପଡାରୁ ୮ ଜଣ ଲେଖାଏଁ, କଳିଙ୍ଗ ନଗର ଓ ଡୁମଡୁମାରୁ ୭ ଜଣ ଲେଖାଏଁ, ଗଜପତି ନଗରରୁ ୬ ଜଣ, ସୁନ୍ଦରପଦା, ୟୁନିଟ ୯ ଓ ରସୁଲଗଡରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୧୨୦୮ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୯୭୬୧୦ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୨୭୧୧ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୮୬୬ କୁ ବୃଦ୍ଧି ପାଇଛି।

## ଶନିବାର ଓ ରବିବାର ବନ୍ଦ ରହିବ ନନ୍ଦନକାନନ

ଭୁବନେଶ୍ୱର, ୬।୮(ପି.ଏନ): କରୋନା ପାଇଁ ଶନିବାର ଓ ରବିବାର ବନ୍ଦ ରହିବ ନନ୍ଦନକାନନ। ନନ୍ଦନକାନନ କର୍ତୃପକ୍ଷଙ୍କ ସୂଚନା ମୁତାବକ କୋଭିଡ-୧୯ ଗାଇଡଲାଇନକୁ ନଜରରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନ ପରବର୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ସବୁ ଶନିବାର ଓ ରବିବାର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ।ଉଭୟ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନ ସୋମବାରରୁ ଶୁକ୍ରବାର ସକାଳ ୭ଟା ୩୦ରୁ ସନ୍ଧ୍ୟା ୫ଟା ୩୦ ଯାଏଁ ଖୋଲା ରହିବ। ପର୍ଯ୍ୟଟକମାନେ କୋଭିଡ ଗାଇଡଲାଇନକୁ ମାନିବା ସହ ମାସ୍କ ପିନ୍ଧିବାକୁ ବାଧତାମୂଳକ କରାଯାଇଛି। ସେହିପରି ରାଜ୍ୟ ସରକାର ଓ ନନ୍ଦନକାନନ କର୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସାରଣୀ ମାନିବାକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପ ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି ।ଉଲ୍ଲେଖଯୋଗ୍ୟ ଯେ କୋଭିଡ୍ କଟକଣା କୋହଳ ହେବା ପରେ ଗତ ଅଗଷ୍ଟ ୩ ତାରିଖ ଠାରୁ ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ୍ ଖୋଲିଛି। ତେବେ ନନ୍ଦନକାନନ ମଧ୍ୟରେ ବୋଟିଂ ଓ ସଫାରି ବନ୍ଦ ରହିଛି।

## ରାଜ୍ୟରେ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ ଓ ଶିଳ୍ପ ସୃଷ୍ଟିର ଗୋଲାପି ଚିତ୍ର ଦେଖାଇଛନ୍ତି ସରକାର : କଂଗ୍ରେସ

ଭୁବନେଶ୍ୱର, ୬।୮(ପି.ଏନ): ରାଜ୍ୟ ସରକାର ୨୦୧୬ରୁ ମେକଇନ ଓଡ଼ିଶା କନକ୍ଲେଭ ଆରମ୍ଭ କରିଥିଲେ। ଏହା ମାଧ୍ୟମରେ ରାଜ୍ୟକୁ ପୁଞ୍ଜି ଆଣିବା ପୁଞ୍ଜି ବିନିଯୋଗର ପର୍ଯ୍ୟପ୍ତ ସୃଷ୍ଟିକରିବା ମୁଳ ଉଦ୍ଦେଶ୍ୟ ଥିଲା ବୋଲି ସରକାର କହିଥିଲେ। କେମିକାଲ, ପେଟ୍ରୋକେମିକାଲ, ଆଇନସ୍ଲିଆରି, ସୂତା ଓ ବସ୍ତ୍ର କାରଖାନା, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ ଶିଳ୍ପ ଏବଂ ବିଦ୍ୟୁତ ସଂରଞ୍ଜାମ ଆଦି କ୍ଷେତ୍ରରେ ଲାଭ ହେବ ବୋଲି କହିଥିଲେ ।ଏହା ମଧ୍ୟରେ ମେକଇନ କନକ୍ଲେଭର ତୃତୀୟ ସଂସ୍କରଣ ସମାପ୍ତି ହୋଇଯାଇଛି। ପ୍ରଥମର ସଂସ୍କରଣରେ ୨ଲକ୍ଷ କୋଟି ଓ ଦ୍ୱିତୀୟ ସଂସ୍କରଣରେ ୪ଲକ୍ଷ ୫୧୯ କୋଟି ଟଙ୍କାର ପୁଞ୍ଜିବିନିଯୋଗ ଏବଂ ତୃତୀୟ ସଂସ୍କରଣେରେ ପାଖାପାଖି ୨ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବାର କଥା କୁହାଯାଇଥିଲା। ତେଣୁ ସମୁଦାୟ ୮ଲକ୍ଷ ୧୯ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହୋଇଥିଲା ବେଳେ ରାଜ୍ୟ ସରକାର ପାଖାପାଖି ୯ଲକ୍ଷ ସିଧାସଳଖ ନିଯୁକ୍ତି ଓ ତଦ୍ୱାରା ବହୁ ପରୋକ୍ଷ ନିଯୁକ୍ତି ମଧ ସୃଷ୍ଟି ହେବ ବୋଲି କୁହାଯାଇଥିଲା ।ମାତ୍ର ଏହାସବୁ କାଗଜ କଲମରେ ରହିଯାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଶୁକ୍ରବାର ପ୍ରଦେଶ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସର ବରିଷ୍ଠ ବିଧାୟକ ତଥା ମୁଖପାତ୍ର ସୁରେଶ କୁମାର ରାଉତରାୟ ଓ ମୁଖପାତ୍ର ରଜନୀ କୁମାର ମହାନ୍ତି ଏହାକୁ ଦୃଢ଼ଭାବରେ ସମାଲୋଚନା କରିଥିଲେ। ରାଜ୍ୟରେ ୪୩ଲକ୍ଷରୁ ଅଧିକ ଯୁବକଯୁବତୀ ୨୦୨୧ ମସିହା ମେ ମାସ ଶେଷସୁଦ୍ଧା ବେରୋଜଗାର ହୋଇ ବୁଲୁଛନ୍ତି। ୨୦୧୫ ମସିହାରେ ଗ୍ରାମାଂଚଳରେ ରୁରାଲ ବିଜିନେସ ହାଉସିଂ ସେଂଟର ହେବ ବୋଲି କୁହାଯାଇଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ କେତୋଟି ବିପିଓ ହୋଇଛି ଏବଂ ଏଥିରେ କେତେ ନିଯୁକ୍ତି ହୋଇଛନ୍ତି। ୨୦୧୭ ମସିହାରେ ୧୦୦ ଷ୍ଟାଟଅପ କମ୍ପାନୀ ୫ ବର୍ଷ ମଧରେ କରାଯିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଥିଲେ ଏବଂ ୨୦୨୦ ମସିହା ଭିତରେ ଷ୍ଟାଟଅପ ହବ କରିବା ପାଇଁ ନିଷ୍ପତି ନେଇଥିଲେ। କିନ୍ତୁ ଆଜି ସୁଦ୍ଧା କେତେଟି ଷ୍ଟାଟଅପ କମ୍ପାନୀ ହୋଇଛି। ଖାଦ୍ୟ ପ୍ରକ୍ରିୟା କରଣ ଓ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓଡ଼ିଶାରେ ସୃଷ୍ଟି କରିବା ପାଇଁ ୨୦୧୬ ମସିହାରୁ ନିଷ୍ପତି ନେଇ ମେଗାଫୁଡପାର୍କ ରାଜ୍ୟରେ ବିଭିନ୍ନ କ୍ଲଷ୍ଟରେ କରାଯିବା ପାଇଁ ନିଷ୍ପତି ହୋଇଥିଲା। ଆଜି ପର୍ଯ୍ୟନ୍ତ ରାଜ୍ୟରେ କେତୋଟି ଖାଦ୍ୟପ୍ରକ୍ରିୟା ଶିଳ୍ପ ହୋଇଛି ଏବଂ କେତେ ନିଯୁକ୍ତି ପାଇଛନ୍ତି। ଓଡ଼ିଶାରେ ସୂତା ଓ ବସ୍ତ୍ର କାରଖାନା ତଥା ଔଷଧ କାରଖାନା ପ୍ରତିଷ୍ଠା କରିବା ପାଇଁ କ୍ଲଷ୍ଟର ଘୋଷଣା କରାଗଲା। ସୂତା ଓ ବସ୍ତ୍ର କାରଖାନା ପାଇଁ ଧାମନଗର, ଭଦ୍ରକ, ଛତାବର, ଚୌଦ୍ୱାର କେତୋଟି ସୂତା ଓ ବସ୍ତ୍ର କାରଖାନା ହେଲାଣି ନା ଏହାସବୁ କେବଳ ଧୂଆଁବାଣ ଥିଲା। ଓଡ଼ିଶାରେ ବେରୋଜଗାରୀଙ୍କ ସଂଖ୍ୟା ୨୦୨୦-୨୧ ରେ ୩୯.୬%, ୨୦୧୮-୧୯ ରେ ୧୯.୪%, ୨୦୧୯-୨୦ ରେ ୩୩.୪% ଯଦି ଏତେ ପୁଞ୍ଜି ବିନିଯୋଗ ହୋଇଛି ଏବଂ ଏତେସବୁ ଶିଳ୍ପ ସୃଷ୍ଟି ହୋଇଛି ତାହାଲେ ନିଯୁକ୍ତି କାହିଁ। ୨୦୦୦ ମସିହା ପରେ ପରେ ରାଜ୍ୟକୁ ଗୋଟିଏ ମଧ ସଫ୍ଟୱେର କମ୍ପାନୀ ଆସିନାହିଁ। ଓଡ଼ିଶା ସରକାର ରାଜ୍ୟର ପୁଞ୍ଜିବିନିଯୋଗ ଓ ଶିଳ୍ପସୃଷ୍ଟିର ଯେଉଁ ଗୋଲାପି ଚିତ୍ର ଦେଖାଉଛନ୍ତି ତାହା କେବଳ କାଗଜ କଲମରେ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତ୍ରୀ ଶ୍ରୀମତୀ ରଶ୍ମି ମହାପାତ୍ର ଏବଂ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

MAHARISHI PUBLIC SCHOOL

2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧାରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ପବିତ୍ର କେଦାର ଗୌରୀ କୁଣ୍ଡର ଜଳ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଦୂଷିତ



ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱରସ୍ଥ ପବିତ୍ର କେଦାରଗୌରୀ କୁଣ୍ଡର ଜଳ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଦିନକୁ ଦିନ ଅପରିଷ୍କାର ଓ ଦୂଷିତ ହେବାରେ ଲାଗିଛି । ଏହି ପବିତ୍ର କୁଣ୍ଡରେ କୁଢ କୁଢ ପିଇବାପାଣିର ପ୍ଲାଷ୍ଟିକ ବୋତଲ, ଥଣ୍ଡା ପାନୀୟ ଫ୍ରୁଟିର କାଗଜ ଖୋଳ ଓ ଅନ୍ୟାନ୍ୟ କାଗଜ ପତ୍ର ପଡି ଏହାର ପବିତ୍ର ପାଣି ଦୂଷିତ ହୋଇଯାଇଛି । ଏହାଛଡା ରକ୍ଷଣାବେକ୍ଷଣ ଅଭାବରୁ ଏହାର ପବିତ୍ର ଜଳରେ ନୀଳ ଶିଉଳୀର ଆସ୍ତରଣ ପଡିଯାଇ ଅପରିଷ୍କାର ହୋଇଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଏହି ପବିତ୍ର କୁଣ୍ଡର ଚାରିପାଖରେ ଅନନ୍ତ ବାସୁଦେବ ମନ୍ଦିର, ଗୁଆଝର ପୁଷ୍କରିଣୀ ଓ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଅବସ୍ଥିତ । ଏତଦ୍ ବ୍ୟତୀତ ରାତିରେ ଏହି ସ୍ଥାନ ପୁଅ ଓ ଝିଅମାନଙ୍କର ଆଡ୍ଡାସ୍ଥଳୀ ପାଲଟି ଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁନି । ମନ୍ଦିର ପ୍ରଶାସନ କି ଜନସାଧାରଣ କେହି ଏହି ପବିତ୍ର କୁଣ୍ଡପ୍ରତି ନଜର ଦେଉନାହାଁନ୍ତି । ମନ୍ଦିର ପ୍ରଶାସନ ଏ ଦିଗରେ ଉଚିତ୍ ପଦକ୍ଷେପ ନିଅନ୍ତୁ ବୋଲି ଜନସାଧାରଣରେ ଦାବୀ ହେଉଛି । ମନ୍ଦିରମାଳିନୀ ସହର ଭୁବନେଶ୍ୱରର ପରିବେଶକୁ ସୁରକ୍ଷା ଯୋଗାଇ ଦେବା ସମସ୍ତଙ୍କ ଗୁରୁ ଦାୟିତ୍ୱ । କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିବିଶେଷଙ୍କ ଯୋଗୁଁ ଏକ ବିଶ୍ୱବିଖ୍ୟାତ ମନ୍ଦିର କେଦାରଗୌରୀର ପରିବେଶ ଦୂଷିତ ହେଉଅଛି, ଏଥିପ୍ରତି କାହାର ନିଘା ନାହିଁ । କରୋନା ମହାମାରୀ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ନୀତିଶିକ୍ଷା ଦେଇଥିଲେ ମଧ୍ୟ ଏଭଳି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ଦୁଃଖଦାୟକ । ମନ୍ଦିର କର୍ତ୍ତୃପକ୍ଷ ଏଥିପାଇଁ ନିତ୍ୟାନ୍ତ ଯତ୍ନବାନ ହେବା ଆବଶ୍ୟକ ବୋଲି ନାଗରିକ ସୂଚନା ଏବଂ ଆଇନ୍ ପ୍ରାଧିକରଣ କେନ୍ଦ୍ର , କଟକର ସଭ୍ୟ ଶ୍ରୀ ଦୀପକ କୁମାର ସାହୁ ଓ ଅନ୍ୟ ବୁଦ୍ଧିଜିବୀମାନେ ମତ ଦେଇଛନ୍ତି ।

# କେନ୍ଦୁଝର ଜିଲ୍ଲା ଓକିଲ ସଂଘ ନିର୍ବାଚନ: ସଭାପତି ଭାବେ ଆଶିଷ, ସମ୍ପାଦକ ଭାବେ ଆଲୋକ ପୁନଃନିର୍ବାଚିତ

କେନ୍ଦୁଝର (ପିଏନ୍): ରାଜ୍ୟରେ ଏକସଙ୍ଗେ ଅନୁଷ୍ଠିତ ହେଉଥିବା ସମସ୍ତ ଆଇନଜୀବି ସଂଘର ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦୁଝର ସଦର ମହକୁମାଠାରେ ଥିବା ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଦିନ ଶେଷ ହୋଇଛି । ଏଥିରେ ମୋଟ ୩୮୨ ଜଣ ସଦସ୍ୟଙ୍କ ମଧ୍ୟରୁ ୩୬୬ ଜଣ ମତଦାନ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ସଭାପତି ପଦ ପାଇଁ ଆଶିଷ ଚକ୍ରବର୍ତ୍ତି ନିର୍ବାଚିତ ହୋଇଛନ୍ତି । ବିଜୟୀ ପ୍ରାର୍ଥୀ ଶ୍ରୀ ଚକ୍ରବର୍ତ୍ତି ୨୫୧ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅଶୋକ କୁମାର ଦାସ ୧୧୦ ଟି ଭୋଟ ପାଇଛନ୍ତି । ଉପସଭାପତି ପଦ ପାଇଁ ରବୀନ୍ଦ୍ର କୁମାର ସେଠୀ ନିର୍ବାଚିତ ହୋଇଥିବା ସହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସେକ ଶାହାବୁଦ୍ଦିନ ପରାସ୍ତ ହୋଇଛନ୍ତି । ରବୀନ୍ଦ୍ର ୧୬୬ଟି ଭୋଟ ପାଇଥିବାବେଳେ ଶାହାବୁଦ୍ଦିନ ୧୬୫ ଟି ଭୋଟ ପାଇ ମାତ୍ର ଗୋଟିଏ ଭୋଟ ବ୍ୟବଧାନରେ ରବୀନ୍ଦ୍ର ଜିତିଛନ୍ତି । ରୋଚକ କଥା ଯେ, ଗତ ନିର୍ବାଚନରେ ଶାହାବୁଦ୍ଦିନଙ୍କଠାରୁ ରବୀନ୍ଦ୍ର ଗୋଟିଏ ଭୋଟରେ ପରାଜିତ ହୋଇଥିବାବେଳେ ଏଥର ଗୋଟିଏ ଭୋଟରେ ରବୀନ୍ଦ୍ର ପୁରୁଣା ପ୍ରତିଦ୍ୱନ୍ଦୀ ଶାହାବୁଦ୍ଦିନଙ୍କୁ ହରାଇଛନ୍ତି । ସମ୍ପାଦକ ପାଇଁ ଆଲୋକ କୁମାର ମହାନ୍ତ ନିର୍ବାଚିତ ହୋଇଥିବାବେଳେ ସେ ୨୬୦ ଖଣ୍ଡ ଭୋଟ ପାଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିନୀତା ଦାଶ ୯୮ଭୋଟ ପାଇଛନ୍ତି। ଦୁଇଗୋଟି ଯୁଗ୍ମ ସମ୍ପାଦକ ପଦବୀ ପାଇଁ ସମ୍ବିତ କୁମାର ନାୟକ୧୬୬ଟି ଏବଂ ଅନ୍ତର୍ଯ୍ୟାମୀ ସାହୁ ୧୫୦ଟି ଭୋଟ ପାଇ ଜିତିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ସୁନୀଲ କୁମାର ମହାନ୍ତ ୧୪୮ଟି ଭୋଟ ପାଇ ମାତ୍ର ୨ଟି ଭୋଟରେ ହାରି ଯାଇଛନ୍ତି । ୫ଗୋଟି କାର୍ଯ୍ୟକାରୀ ସଦସ୍ୟ ପାଇଁ ଅନୀଲ କୁମାର ନନ୍ଦ, ସନ୍ତୋଷ କୁମାର ଦାସ,ତାରିଣୀ ପ୍ରସାଦ ପୋଥାଲ,ବିଶ୍ୱରଂଜନ ସାହୁ, ହଳଧର ମହାନ୍ତ ବିଜୟଲାଭ କରିଛନ୍ତି । ଶନିବାର ସକାଳ ୮ଟାରୁ ଏହି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇ ଅପରାହ୍ନ ୪ଟାରେ ଗଣତି ଆରମ୍ଭ ହୋଇଥିଲା । ସଂଧ୍ୟା ୭ଟା ସୁଦ୍ଧା ଗଣତି ଶେଷ ହୋଇଥିଲା। ନିର୍ବାଚନ ଅଧିକାରୀ ଗୋପାଳକୃଷ୍ଣ ପରିଡା ଓ ସହ ନିର୍ବାଚନ ଅଧିକାରୀ ଜ୍ଞାନେନ୍ଦ୍ରନାଥ ଜେନା,ଅଜୟ ନାଥ, ଦେବାଶିଷ ରଣା, ହିମାଂଶୁ ମହାନ୍ତି, ନିର୍ମଳ ବଳ, କରୁଣାକର ବ୍ରହ୍ମ ଏହି ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ। କରୋନା କଟକଣା ପାଇଁ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ସହ ବୁଥ ମଧ୍ୟକୁ ମୋବାଇଲ ଫୋନ, ପ୍ରାର୍ଥୀମାନେ କୌଣସି ଫ୍ଲେକ୍ସ, ବ୍ୟାନର ଲଗାଇ ନଥିବାବେଳେ ସଦସ୍ୟମାନେ ବାର ଆସୋସିଏସନ ପ୍ରଦତ୍ତ ପରିଚୟ ପତ୍ର ଦେଖାଇ ଭୋଟ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଗତ ଡିସେମ୍ବର ୧୨ ତାରିଖରେ ଏହି ଓକିଲ ସଂଘ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇ ଆଶିଷ ଚକ୍ରବର୍ତ୍ତୀ ସଭାପତି ଏବଂ ଆଲୋକ ମହାନ୍ତ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ନବନିର୍ବାଚିତ କର୍ମକର୍ତ୍ତାମାନେ ଆସନ୍ତା ଏକବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ ବୋଲି ଜଣାପଡିଛି।

# ହରିଚନ୍ଦନପୁର ବ୍ଲକ ମଣ୍ଡଳ ବିଜେପିର କାର୍ଯ୍ୟକାରିଣୀ ବୈଠକ

ହରିଚନ୍ଦନପୁର (ପିଏନ୍): ହରିଚନ୍ଦନପୁର ବ୍ଲକ ମଣ୍ଡଳ ପକ୍ଷରୁ କାଦୁଅଡିହା ଆଇଟିଆଇ ହଲ୍ ଠାରେ ବିଜେପିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଜୟକୃଷ୍ଣ ମହା'ଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦଳକୁ ମଜଭୁତ କରିବାକୁ ହେଲେ ତୃଣମୂଳ ସ୍ତରରୁ କାର୍ଯ୍ୟକର୍ତ୍ତା ମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି କହିଥିଲେ । ମୋଦିଙ୍କ ଲୋକାଭିମୁଖି ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ । ହରିଚନ୍ଦନପୁର ବ୍ଲକ ତଥା ତେଲକୋଇ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରାୟସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚୁର ଅର୍ଥ ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ନିଜ ନାଁରେ ଯୋଜନା କରି ବାହାବା ନେଉଛନ୍ତି । ଅର୍ଥକୁ ହରିଲୁଟ୍ କରିବା ପାଇଁ ପ୍ରଶାସନ ନିଜ ହାତରେ ରଖି ବାଧକ ସାଜୁଛି । ମୋଦିଙ୍କ ନୂଆ ଭାରତ ସ୍ୱପ୍ନ ସାକାର କରିବାକୁ ହେଲେ ଗରିବ ଆଦିବାସୀ ଲୋକଙ୍କ ପାଖରେ ଆମକୁ ପହଂଚିବାକୁ ପଡିବ ବୋଲି ଶ୍ରୀ ସିଦ୍ଧୁ କହିଥିଲେ । ଏଥିପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନର ବର୍ଷକୁ ପଂଚାୟତକୁ ଜନସଂଖ୍ୟା ଅନୁପାତ ଆଧାରରେ ୨୦ଲକ୍ଷରୁ କୋଟିଏ ପର୍ଯ୍ୟ' ଅର୍ଥ ବ୍ୟୟବରାଦ କରାଯାଉଛି । ଏହି ଅର୍ଥ ସିଧା ସଳଖ ପଂଚାୟତ ସରପଂଚ ପଂଚାୟତର ବିକାଶ ପାଇଁ ପଂଚାୟତ ରାସ୍ତା, ଶ୍ମଶାନ ଗୃହ, ଆଲୋକୀକରଣ, ସ୍ୱଚ୍ଛ ଭାରତ ପାଇଁ ଖର୍ଚ୍ଚ ହେବା କଥା ମାତ୍ର ରାଜ୍ୟ ସରକାର ନିୟମକୁ ବଦଳାଇ ଏହିସବୁ କାମ ସରପଂଚ ବଦଳରେ ଯନ୍ତ୍ରୀଙ୍କ ଦ୍ୱାରା ୱାର୍କ ଅର୍ଡର ମାଧ୍ୟମରେ କରାଉଛନ୍ତି ଫଳରେ ସରପଂଚ ମାନଙ୍କ କ୍ଷମତା ସଙ୍କୁଚିତ ହେବା ସହ ଅର୍ଥ ହରିଲୁଟ୍ କରି ରାଜ୍ୟ ସରକାର ଦଳୀୟ ପାଣ୍ଠି ବଦଳାଇବାରେ ଲାଗି ପଡିଥିବା ଶ୍ରୀ ସିଦ୍ଧୁ କହିଛନ୍ତି । ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବକୁ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅଭିମନ୍ୟୁ ସାହୁ ପାରିତ କରିଥିଲେ । ଏହି ବୈଠକରେ ଜିଲ୍ଲାର ପଦାଧିକାରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅନ' ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅରମ ସିଂ, ଜିଲ୍ଲା କାର୍ଯ୍ୟାଳୟ ସହସମ୍ପାଦକ ଜୟଦେବ ଗିରି, ବିଜେପିର ଦୁଇ ପ୍ରଚାରକ ଇଂ ହିମାଦ୍ରୀ ଦାସ ଓ ଗଣେଶ ମହାକୁଡ, ପୂର୍ବତନ ମଣ୍ଡଳ ସଭାପତି ଶିରିଶ କୁମାର ସାହୁ, ନିର୍ବାଚନ ମଣ୍ଡଳୀ ମିଡିଆ ପ୍ରମୁଖ ଅଭୟ ରଥ, ପୂର୍ବତନ ବ୍ଲକ ଅଧକ୍ଷ ଘାସିନାଥ ପାଇକରାୟ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଦୀପ ପଣ୍ଡା, ଚତୁର୍ଭୁଜ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ସୁଶା' ମହା', ପ୍ରତାପରୁଦ୍ର ସାହୁ, ଆଇଟି ସେଲ୍ ପ୍ରମୁଖ କ୍ଷେତ୍ରବାସୀ ମହା', ବ୍ରାହ୍ମଣୀପାଳ ମଣ୍ଡଳ ସଭାପତି କୃଷିକେଶ ମହା', ମାନୁ ସାହୁ, ରମା ସାହୁଙ୍କ ସହ ମଣ୍ଡଳର ସମସ୍ତ ପଦାଧିକାରୀ ତଥା ସମସ୍ତ ମୋର୍ଚ୍ଚା ସଭାପତି, ସମସ୍ତ ପଂଚାୟତ ପ୍ରମୁଖ ଏବଂ ହରିଚନ୍ଦନପୁର ମଣ୍ଡଳର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ଉତ୍କଳପ୍ରଦେଶର ଉତ୍ତର ଦାୟାଦ

ସ୍ୱଦେଶାନୁରାଗ ପ୍ରଣୋଦିତ ସର୍ବୋତ୍ତମ ଅଭିଳାଷ ସଚେଷ୍ଟ ଭାଷା ଓ ସଂସ୍କୃତିର ସମାବେଶରେ ଏକ ସାଂସ୍କୃତିକ ସଂହତି ପ୍ରତିଷ୍ଠା କରିବାର ଆକାଂକ୍ଷା ହିଁ ଜାତିୟତାବାଦ। ଜାତିପ୍ରୀତି, ସ୍ୱଦେଶପ୍ରେମ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ରହିତ ଗୋଟିଏ ଜାତିର ସର୍ବବିଧ ବିକାଶ ପାଇଁ ଅନୁବଂଧିତ ପ୍ରେରଣା ହିଁ ଜାତୀୟତାବାଦ। ଜାତିର ଉନ୍ନତି କରିବା ଜାତିୟ ସଂସ୍କୃତି, ସାହିତ୍ୟ, କଳା, ଐତିହ୍ୟ ଇତ୍ୟାଦିକୁ ରକ୍ଷା କରିବା, ସହିତ ଜାତିର ସାମାଜିକ, ଅର୍ଥନୈତିକ ଉନ୍ନତି ସହିତ ତାହାର ସାର୍ବଭୌମ ଭୌଗଳିକ ଅଖଣ୍ଡତା ଓ ଐକ୍ୟ ଏବଂ ସଂହତି ବଜାୟ ରଖିବା ସ୍ୱଦେଶାନୁରାଗ ବା ଜାତୀୟତା ବାଦର ମୂଳମନ୍ତ୍ର।

ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ପରେ ୧୫୬୮ ମସିହାରେ ଓଡିଶା ଆଫଗାନ୍ ଶାସନାୟତ୍ତ ହେଲା। ଏବଂ ପର୍ଯ୍ୟାୟ କ୍ରମେ ଏହା ମୋଗଲ, ମରହଟ୍ଟା ଓ ଅଂରେଜ ଶାସନାଧିନ ହୋଇ ପରାଧିନ ଥିବାବେଳେ ବଙ୍ଗ ବିହାର ଓ ମଧ୍ୟ ପ୍ରଦେଶରେ ଖଣ୍ଡ ବିଖଣ୍ଡିତ ହୋଇ ନିଜସ୍ୱ ସତ୍ତା ଓ ଅଖଣ୍ଡତା ହରାଇ ବସିଥିଲା ଓଡିଶାର ବିଶାଳ ଭୁଖଣ୍ଡ। ୧୫୬୮ରୁ ୧୯୩୬ ଅର୍ଥାତ୍ ୩୬୮ ବର୍ଷ ପରେ ସୁଦୀର୍ଘ ସୂର୍ଯ୍ୟତୃଷ୍ଣା ଏବଂ ସଂଘର୍ଷମୟ କ୍ରାନ୍ତିର ଉତୀର୍ଣ୍ଣ ଉଚ୍ଛ୍ୱାସରୁ ୧୯୩୬ ଏପ୍ରିଲ ପହିଲାରେ ୬ଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଆଦେଶନାମା ପ୍ରକାଶ ପାଇଲା। ଏହାର ୧୧ବର୍ଷ ପରେ ଅର୍ଥାତ୍ ୧୯୪୭ରେ ଗଡଜାତ ଅଞ୍ଚଳର ମିଶ୍ରଣ ଉତ୍ତାରୁ ଓଡିଶାର କାୟା ବିସ୍ତାର ଘଟିଥିଲା, ଯଦିଓ ୩୦ ଲକ୍ଷ୍ୟରୁ ଉର୍ଦ୍ଧ୍ୱ ସୀମାନ୍ତବର୍ତ୍ତୀ ଓଡିଆ ବିଚ୍ଛିନ୍ନାଞ୍ଚଳରେ ନିର୍ବାସିତ ହୋଇ ରହିଗଲେ। ୧୫୬୮ରୁ ୧୯୪୭ ଏହି ଦୀର୍ଘ ୩୭୯ ବର୍ଷ ମଧ୍ୟରେ ଉତ୍କଳୀୟ ସ୍ୱଦେଶାନୁରାଗ ଚେତନାକୁ ଉତ୍କଳ ଭାରତୀଙ୍କର ଯେଉଁ ସାରସ୍ୱତ ସାଧକ ଓ ବାଂଗ୍ମୀବରପୁତ୍ର ଆପଣାର କବିତ୍ୱମୟ ପ୍ରାଣର ସ୍ୱତଃ ସ୍ଫୁର୍ତ୍ତ ଭାଷାରେ ଅଭିମଂତ୍ରିତ କରିବା ସଙ୍ଗେ ସଙ୍ଗେ ଓଡିଶାର ଜନଚେତନାକୁ 'ଉର୍ଜ୍ଜାଘର' (Power House) ରୂପେ ପ୍ରେରଣା ଓ ଉଦ୍ଦୀପନାରେ ଅନୁପ୍ରାଣିତ କରିବାରେ ଅନୁବଂଧିତ ଥିଲେ; ଉପରୋକ୍ତ ଦୀର୍ଘ ୩୭୯ ବର୍ଷ ଧରି ସେମାନେ ସ୍ୱତନ୍ତ୍ର ଉତ୍କଳପ୍ରଦେଶର ଉତ୍ତର ଦାୟାଦ ରୂପେ ଆମ ସମସ୍ତିଙ୍କର ଚିରନମସ୍ୟ ଓ ବରେଣ୍ୟ। ୮୫ତମ ଉତ୍କଳ ଦିବସର ଏହି ମହାର୍ଘ୍ୟ ଅବସରରେ ସେମାନଙ୍କ ଉଦ୍ଦେଶ୍ୟରେ ଏହି ସଶ୍ରଦ୍ଧ ସ୍ମୃତିତର୍ପଣ ଓ ଶ୍ରଦ୍ଧା ସୁମନର କୁସୁମାଞ୍ଜଳୀ!

**ଉତ୍କଳ ଗୌରବ ମଧୁସୂଦନ ଦାସ:** ପ୍ରଚଣ୍ଡ ପ୍ରତିଭାଧାରୀ, ଜାତିପ୍ରାଣ ଯେ କି ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାର ମୁଖ୍ୟ ଭୂମିକା ନେଇ ଉନବିଂଶ ଶତାବ୍ଦୀର ଘନ ଅନ୍ଧକାରରୁ (ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ) 'ଶତାବ୍ଦୀର ସ୍ୱର୍ଯ୍ୟ' ପରି ଆଲୋକର ପଥ ଦେଖାଇଥିଲେ। ସେ ଥିଲେ ଆଧୁନିକ ଉତ୍କଳର ସ୍ୱପ୍ନ ଦ୍ରଷ୍ଟା ଓ ସ୍ଥପତି। 'ସେ ବି ଥିଲେ ଭାରତର ଗର୍ବ'। ଗାନ୍ଧିଜୀଙ୍କ ପରିଭାଷାରେ ମଧୁସୂଦନ ମୋ ଗୁରୁ, ମହର୍ଷୀ ଅରବିନ୍ଦଙ୍କ ଭାଷାରେ ସେ ଥିଲେ ନେତୃତ୍ୱର ଶିଖର ପୁରୁଷ, ନେହୁରଙ୍କ ଦୃଷ୍ଟିରେ ସେ ଥିଲେ ଜନବାଦୀ ମହାନ ନେତା, ସାର ରାମ୍‌ସେଙ୍କ ଭାଷାରେ ସେ ଓଡିଶାର ଅଦ୍ୱିତୀୟ ମୁକୁଟ ବିହିନ ସମ୍ରାଟ। ତାଙ୍କ ରଚିତ କବିତା ମଧ୍ୟରେ ସେ ଏ ଜାତିକୁ ପୁର୍ନବାର ଅଭିମନ୍ତ୍ରିତ ହେବା ପାଇଁ ପ୍ରଚେଷ୍ଟା କରି ସେ ଉଦାତ୍ତ ଆହ୍ୱାନ ଦେଇଥିଲେ :-

*"ତୁ ପରା ବୋଲାଉ ଉତ୍କଳ ସନ୍ତାନ*
*ତେବେ କିମ୍ପା ତୁହି ଭୀରୁ,*
*ତୋହର ଜନନୀ ରୋଦନ କରିଲେ*
*କହିବାକୁ କିମ୍ପା ଡରୁ ?"*

**ପଣ୍ଡିତ ଗୋପବନ୍ଧୁ ଦାସ:** ଯେଉଁମାନେ କେବଳ ବାକ୍‌ପଟୁତାରେ ହିଁ ଆକାଶ ପର୍ଯ୍ୟନ୍ତ ସ୍ୱହସ୍ତ ଲମ୍ବାଇ ଦେଇପାରନ୍ତି। ମାତ୍ର କବି ଓ ବାଗ୍ମୀ ମଧୁବାବୁ ଅନୁଭବ କରିଛନ୍ତି ଉତ୍କଳ ଜନନୀ ପରାଧୀନତା ରୂପକ ଅନ୍ଧକାର ମଧ୍ୟରେ ଦୀର୍ଘ ଦିନ ଧରି ରୋଦନ କରୁଛି। ଅସଂଖ୍ୟ କର୍ମବୀରମାନଙ୍କୁ ସେ ନିଜର ଗର୍ଭରେ ଧାରଣ କରିଥିଲେ ହେଁ ସେମାନେ ଜନନୀର ଏପରି ଅସହାୟ ଅବସ୍ଥାରେ ତାକୁ ବାଚନିକ ଆଶ୍ୱାସନା ଓ ସାନ୍ତ୍ୱନା ଦେବା ପରିବର୍ତ୍ତେ ନିଜ ନିଜ ସ୍ୱାର୍ଥରେ ମସଗୁଲ ହୋଇଛନ୍ତି। ତେଣୁ ସେ ତାଙ୍କ ସନ୍ତାନର ଉକ୍ତି କବିତାରେ ଓଡ଼ିଆମାନଙ୍କ ହୃଦୟରେ ଜାତୀୟତା ଭାବ ଉଦ୍ରେଖ କରିବା ପାଇଁ କହିଛନ୍ତି-

*"ଜାତି ପ୍ରେମ ବହ୍ନି ପଜ୍ଜ୍ୱଳିତ କର*
*ସ୍ୱାର୍ଥକୁ ଦିଅ ଆହୁତି,*
*ସ୍ୱାର୍ଥମେଧ ଯଜ୍ଞେ ଚାରିଆଡେ ନାଚ*
*ଛାତିକୁ ମିଶାଇ ଛାତି।"*

**ପଣ୍ଡିତ ଗୋପବନ୍ଧୁ ଦାସ:** ସେହିପରି ଅନନ୍ୟ ସାଧକ ପଣ୍ଡିତ ଗୋପବନ୍ଧୁ ଦାସ ଦୁଃଖ, ଦୈନ୍ୟ, ବନ୍ୟା ମରୁଡି, ବାତ୍ୟାରେ ସଢୁଥିବା ଗରିବ ମଣିଷର ସେବା କିପରି କରାଯାଇପାରେ ତା'ର ସେ ଥିଲେ ଜ୍ୱଳନ୍ତ ଉଦାହରଣ। ନିଜର ବ୍ୟକ୍ତିଗତ ସୁଖ, ସ୍ୱାସ୍ଥ୍ୟ ପ୍ରତି ନଜର ନଦେଇ ଜାତିର ସେବାରେ ଅମ୍ଳାନ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ସେବାର ସେ ଥିଲେ ଅନନ୍ୟ ପ୍ରତୀକ। ସେଥିରେ ସ୍ୱତନ୍ତ୍ରର ଉତ୍କଳ ପ୍ରଦେଶ ଅଭିଯାନର ଅବକାଶ ବିଦ୍ଧାଣୀ। ସେ ଥିଲେ ତ୍ୟାଗଦୀପ୍ତ ଐତିହ୍ୟର ଅତୁଳ ବିଦ୍ଧାଣୀ, ତାଙ୍କ ସ୍ୱପର ଉତ୍କଳ ସଂପର୍କରେ ସେ କହୁଥିଲେ:-

*"ଜଗତ ସରସେ ଭାରତ କମଳ*
*ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ:*
*ଥିଲେ ଯହିଁ ମୁଁ ଭାରତ ବକ୍ଷରେ*
*ମଣିବି ମୁଁ ଅଛି ଆପଣ କକ୍ଷରେ।"*

ପ୍ରକୃତପକ୍ଷେ ଉତ୍କଳ ସଂପ୍ରୀତିରେ ପ୍ରବୁଦ୍ଧ ତାଙ୍କର ସ୍ୱଦେଶ ଅନୁରାଗ ମହାଭାରତୀୟ ଚେତନାରୁ ପୃଥକ ନଥିଲା। ପୁଣ୍ୟାତ୍ମା ଗୋପବନ୍ଧୁ ଥିଲେ ଜଣେ ସଚ୍ଚା ଦେଶପ୍ରେମୀ। ଭାରତର ପ୍ରତି ସ୍ଥାନ ଥିଲା ତାଙ୍କର ଅତିପ୍ରିୟ। ଏ ଦେଶର ପାହାଡ ପର୍ବତ, ପଥର, ଶିଳା, ମାଟି ବାଲି ଥିଲା ତାଙ୍କ ଦୃଷ୍ଟିରେ ପରମ ପୂଜ୍ୟ ଶାଳଗ୍ରାମ ସଦୃଶ। ପ୍ରବାହିତ ନଦୀର ଜଳ ଥିଲା ତାଙ୍କ ପାଇଁ ପବିତ୍ର ପଞ୍ଚତୀର୍ଥର ଜଳ। ଭାରତର ପ୍ରତ୍ୟେକ ବୃକ୍ଷ ମହାବୃକ୍ଷ କଳ୍ପବଟ ସଦୃଶ। ସବୁଠି ଜଗତର ନାଥ ଜଗନ୍ନାଥ ତାଙ୍କ ଜ୍ଞାନ ଚକ୍ଷୁରେ ହୋଇ ଉଠିଛନ୍ତି ପ୍ରକଟିତ। ତେଣୁ ସେ ଲେଖିଅଛନ୍ତି :

*"ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ*
*ପ୍ରତିସ୍ଥାନ ମୋର ପ୍ରିୟ ପୁରୀ ଧାମ :*
*ସକଳ ସଲିଳ ପଞ୍ଚତୀର୍ଥ ଜଳ*
*ପ୍ରତି ଧର୍ମାଳୟ ମୋର ନୀଳାଚଳ।*
*ଭାରତର ପ୍ରତି ବୃକ୍ଷ କଳ୍ପବଟ*
*ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ।"*

ଉତ୍କଳୀୟ ତାର ମହାମାନ୍ତ୍ରିକ କବି ଗୋପବନ୍ଧୁଙ୍କ ପ୍ରାର୍ଥନା ଓ ପାଥେୟ ଥିଲା :-

*"ଉତ୍କଳ ତନୟେ ଦିଅ ନବ ବଳ*
*ଉତ୍କଳ ପାଦପେ ରସମୟ ଫଳ।*
*ଉତ୍କଳ ସରିତେ ପବିତ୍ର ଜୀବନ,*
*ଉତ୍କଳ କାନନେ ସ୍ୱର୍ଗୀୟ ସୁମନ।*
*ଉତ୍କଳ ଆକାଶେ ନବ ଯଶଃ ରବି,*
*ଉତ୍କଳ ପ୍ରକୃତି ଧରୁ ନବ ଛବି।"*

ସେ ସର୍ବଦା କହୁଥିଲେ :- ଆମ ପରିଚୟ: ଆମେ ଉତ୍କଳୀୟ : ଉତ୍କଳ ଆମର ପ୍ରାଣାଧିକ ପ୍ରିୟ। ଜାତୀୟତାର ମହାମନ୍ତ୍ରରେ ପ୍ରତି ଓଡିଆକୁ ସେ ଏପରି ଭାବେ ଅଭିମନ୍ତ୍ରିତ କରିଥିଲେ ।

**ଜାତିପ୍ରାଣ ମହାରାଜା କୃଷ୍ଣଚନ୍ଦ୍ର ଗଜପତି:** ଉତ୍କଳ ପ୍ରୀତିର ଆଉଜଣେ ଅନନ୍ୟ ସାଧକ ଥିଲେ ଜାତିପ୍ରାଣ ମହାରାଜା କୃଷ୍ଣଚନ୍ଦ୍ର ଗଜପତି। ଜଣେ ଶାସକ କିପରି ଦକ୍ଷ ହୋଇପାରେ, ନିଜର ପ୍ରଜାମାନଙ୍କର ଉନ୍ନତି ଶାସକର କିପରି ଧ୍ୟେୟ ହୋଇପାରେ ଆଉ ଶାସକ ମଧ୍ୟ ନିଜ ଜାତିର, ମାତୃଭାଷାର କିପରି ରକ୍ଷା କରିପାରେ ତା'ର ବିମୂର୍ତ୍ତ ପ୍ରତୀକ ହେଉଛନ୍ତି କୃଷ୍ଣଚନ୍ଦ୍ର ଗଜପତି। ଓଡିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ସହ ସଂଯୋଗ ମଣିକାଞ୍ଚନ୍ ସଦୃଶ ଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବଦାନ ଚିରସ୍ମରଣୀୟ।

***ଉତ୍କଳହିତୈଷୀ ମହାରାଜା/***

**ଶ୍ରୀ ରାମଚନ୍ଦ୍ର ଭଞ୍ଜ:** ସେହିପରି ଉତ୍କଳ ହିତୈଷୀ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଅନନ୍ୟ ଉଦାହରଣ । ଆଜିର ଗଣତନ୍ତ୍ରର ପୂଜାରୀ ବୋଲାଉଥିବା ଶାସନମୁଖ୍ୟମାନେ ଯେତେବେଳେ ସାମନ୍ତବାଦୀ ପରି ବ୍ୟବହାର କରୁଛନ୍ତି। ସେତେବେଳେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାମନ୍ତବାଦୀର ଶାସନ ଚାଲିଥିବା ବେଳେ ଜଣେ ମହାରାଜା କିପରି ଗଣତାନ୍ତ୍ରିକ ରୀତିରେ ଶାସନ କରି ପ୍ରଜାପାଳନ କରୁଥିଲେ ତାର ମହାର୍ଘ୍ୟ ଉଦାହରଣ ହେଲେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ। ପୁରୁଷୋତ୍ତମ ଶ୍ରୀରାମଙ୍କ ଶାସନ ସହିତ ତାଙ୍କ ଶାସନକୁ ତୁଳନା କରିବା ଅସମୀଚୀନ ହେବ ନାହିଁ। ତାଙ୍କର ଦମ୍ଭୋକ୍ତି ଥିଲେ-"ଯେଉଁମାନେ ଉତ୍କଳର ସ୍ଥାୟୀ ଅଧିବାସୀ ହୋଇଛନ୍ତି, ଅର୍ଥାତ୍ ଯେଉଁମାନେ ଉତ୍କଳକୁ ସେମାନଙ୍କର ଗୃହ ମନେକରି ଅଛନ୍ତି, ସେମାନେ ଭିନ୍ନ ଜାତୀୟ ହେଲେ ସୁଦ୍ଧା ଆମର ସହୋଦର ଓ ସେମାନଙ୍କୁ ଉତ୍କଳୀୟ ବୋଲି ଗଣନା କରାଯିବ।" ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କର ଭାଷା ଓ ସାହିତ୍ୟ ପ୍ରେମ ଥିଲା ଅତୁଳନୀୟ। ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ତାଙ୍କରି ସଭାପତିତ୍ୱରେ ୧୯୦୩ ମସିହାରେ କଟକର ଇଦ୍‌ଗା ପଡିଆରେ ଅନୁଷ୍ଠିତ ହୋଇଥିଲା। ମୟୁରଭଞ୍ଜ ମହାରାଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଉତ୍କଳ ସମ୍ମିଳନୀରେ ନିମ୍ନୋକ୍ତ ପ୍ରସ୍ତାବ ଗୃହୀତ ହୋଇ ଏହି ସମ୍ମିଳନୀର ନାମ ଉତ୍କଳ ସମ୍ମିଳନୀ ରଖାଯାଇଥିଲା ଏବଂ ଯେଉଁମାନେ ଉତ୍କଳକୁ ଆସି ଓଡ଼ିଶାକୁ ଆପଣାର ମାତୃଭୂମି ସ୍ୱରୂପ ଗ୍ରହଣ ଏବଂ ସ୍ୱୀକାର କରୁଅଛନ୍ତି ଓ ଓଡ଼ିଆମାନଙ୍କର ହିତ ସାଧନାକୁ ସ୍ୱଜାତିର କର୍ତ୍ତବ୍ୟ କର୍ମ ବୋଲି ମନେ କରୁଛନ୍ତି, ସେମାନଙ୍କୁ ଅନୁରୂପ ଭାବେ ଆମ୍ଭେମାନେ ଉତ୍କଳୀୟ ଭାବିବା ଦରକାର ।

**ବ୍ୟାସକବି ଫକୀର ମୋହନ ସେନାପତି:** ଜାତି, ପ୍ରେମ, ବହ୍ନିକୁ ଅଧିକ ଶାଣିତ କରିବାରେ ବ୍ୟାସକବି ଫକୀର ମୋହନ ସେନାପତି ଥିଲେ ଚିର ନମସ୍ୟ । ଯେତେବେଳେ ପଡ଼ୋଶୀ ବଙ୍ଗାଳୀମାନେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ କହି ଓଡ଼ିଆ ଭାଷା ସାହିତ୍ୟକୁ ଲୋପ କରିଦେବାକୁ ବସିଥିବା ବେଳେ ଆଧୁନିକ ଓଡ଼ିଆ ସାହିତ୍ୟର ମହାମାନ୍ତ୍ରିକ ସେନାପତି ନିଜର ବଳିଷ୍ଠ ଲେଖନୀ ଚାଳନା କରି ଓଡ଼ିଆ ଭାଷାକୁ ବଂଚାଇ ଥିଲେ । ତାଙ୍କର କାବ୍ୟୋକ୍ତି ଥିଲା ଏକ ଜାଗୃତିର ମହାମନ୍ତ୍ର । ନିଜ ମାତୃଭୂମି ସଂପର୍କରେ ତାଙ୍କର ଅଭିବ୍ୟକ୍ତି ଥିଲା – *"ଦେଖିଲି ବୁଲି ବହୁଦୂର, କାଞ୍ଚି କାମାକ୍ଷା କାନପୁର/ପାଇଲି ନାହିଁ ଘୂରି ଘୂରି ମୋ ମାତୃଭୂମିର ମାଧୁରୀ।"*

*"ପଢିଲି ନାନା ଦେଶ ଭାଷା,*
*କାହିଁ ତ ନ ପୂରିଲା ଆଶା।*
*ହେଉ ପଛକେ ସେ ନିକୃଷ୍ଟ,*
*ମୋ ମାତୃଭାଷା ମୋତେ ଶ୍ରେଷ୍ଠ।"*

**ଡଃ ହରେକୃଷ୍ଣ ମହତାବ:** ସେହିପରି ନିଜ ମାତୃଭୂମି ଉତ୍କଳକୁ ଭଲ ପାଇଥିବା ଆଉ ଜଣେ ଅନନ୍ୟ କାଣ୍ଡାରି ଥିଲେ ଡ. ହରେକୃଷ୍ଣ ମହତାବ। ସ୍ୱାଧୀନୋତ୍ତର ଓଡିଶାର ନବନିର୍ମାଣର ମହାଯୁଦ୍ଧରେ ହରେକୃଷ୍ଣ ମହତାବ ହେଉଛନ୍ତି, ମହାଭାରତ ଯୁଗର ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପରି। ସେ କେବଳ ରାଜନୈତିକ ନେତା ନଥିଲେ, ସେ ଥିଲେ ସ୍ୱାଧୀନୋତ୍ତର ଓଡିଶାର ରାଜନୀତି, ଶିକ୍ଷା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା, କ୍ରୀଡା, ନୃତ୍ୟ, କଳା ଆଦି ବିଭାଗକୁ ଯେଉଁମାନେ ପ୍ରଭାବିତ କରିଛନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କର ସେ ଥିଲେ ଗୁରୁ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ରୂପାୟନ ଥିଲା ତାଙ୍କର ସ୍ୱପ୍ନ ଓ ସୂର୍ଯ୍ୟ ତୃଷ୍ଣା। ୧୯୩୬ ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶର ପରିଚୟ ପାଇଲା, ମାତ୍ର ୧୯୪୮ ଜାନୁଆରୀ ପହିଲାରେ ଜନ୍ମ ନେଲା ପୂର୍ଣ୍ଣାଙ୍ଗ ଓଡିଶା। ବୃହତ୍ତର ନୂତନ ଓଡିଶା ଦୀର୍ଘଦିନ ଧରି ବିଚ୍ଛିନ୍ନ ହୋଇ ରହିଥିବା ଗଡଜାତ ରାଜ୍ୟ ସମୂହ ଡକ୍ଟର ମହତାବଙ୍କ କ୍ରାନ୍ତିକାରୀ ପଦକ୍ଷେପ ହେତୁ ମିଳିତ ହୋଇଥିଲା ଓଡିଶା ସହିତ । ଏହିପରି ଭାବେ ଓଡ଼ିଆ ଜାତିକୁ ବିଶ୍ୱାଭିମୁଖୀ କରିବାର ଚେତନା ଆଜିଠାରୁ ଶହେ ବର୍ଷ ପୂର୍ବେ ଭକ୍ତିକବି ମଧୁସୂଦନ ରାଓ କରିଥିଲେ । ଏହି ବ୍ରାହ୍ମ ଧର୍ମୀ କବି ହିନ୍ଦୁ ଧର୍ମର ଦେବାଦେବୀ କୀର୍ତ୍ତି ସବୁର ପ୍ରଶଂସା ମୁଖର ହୋଇ ଉତ୍କଳ ସନ୍ତାନଗଣଙ୍କୁ ଅତୀତର ଗୌରବ କାହାଣୀ ଶୁଣାଇଛନ୍ତି । ସେହିପରି କାନ୍ତକବିଙ୍କ କାଳଜୟୀ ଗୀତି ଆବାହନି ବନ୍ଦେ ଉତ୍କଳ ଜନନୀ ଆଜି ୧୧୩ ବର୍ଷରେ କାନ୍ତକବିଙ୍କୁ ଚିର ଅମର କରିରଖିଛି । ଓଡ଼ିଆ ଜାତି ଆଜି ତାଙ୍କ ନିକଟରେ ଋଣୀ ହୋଇଯାଇଛି । ତାଙ୍କର ଏହି ଉଦ୍‌ବୋଧନ ଆମ ପାଇଁ ଧ୍ୟେୟ ହେଉ । ଓଡ଼ିଶାବାସୀ ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ ହୁଅନ୍ତୁ । ଏତିକି ଅଭିଳାଷ ୮୫ତମ ଉତ୍କଳ ଦିବସର ଏହି ମହାନ୍ ମହାର୍ଘ ତିଥିରେ । କିମଧିକମ୍...

**ଉମାଶଙ୍କର ପ୍ରସାଦ,**
**ସମ୍ପାଦକ, "ମାର୍ଗଦର୍ଶୀ", ଖୋରଧା**


















ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୦୭

# ଦୂରଦୃଷ୍ଟି

ମଣିଷର ଅଜ୍ଞାନ ଓ ଗ୍ରହଣୀୟତା ମଧ୍ୟରେ ସନ୍ନିବିଷ୍ଟ ନିଜର ଦୂରଦୃଷ୍ଟି ଯାହା ପ୍ରାୟତଃ ସମସ୍ତଙ୍କର ଭିନ୍ନ ହୋଇଥାଏ ! ଦୂରଦୃଷ୍ଟିର ପରିମାପକ ନିର୍ଦ୍ଧାରଣ କରାଯିବା ମୂଳ ପିଣ୍ଡ ସମ୍ପୃକ୍ତ ମଣିଷର ଭାବଧାରା ଓ ଗ୍ରହଣୀୟତା ଉପରେ ନିର୍ଭର ଯାହା ଆଂଶିକ ପାରିପାର୍ଶ୍ୱିକ ହୋଇଥିବା ବେଳେ ଅଧିକାଂଶ ଜନ୍ମଗତ !

ସାଧାରଣତଃ ଜଣେ ମଣିଷର ଦୂରଦୃଷ୍ଟି ତାହାର ଅନ୍ତର୍ନିହିତ ଜ୍ଞାନର ବିକାଶଧାରା ତଥା ମାନସିକ ଦୃଢ଼ତା ଉପରେ ନିର୍ଭର କରିଥାଏ । କୌଣସି ମଣିଷର ଦୂରଦୃଷ୍ଟି ଅର୍ଥାତ ଭବିଷ୍ୟ ନିର୍ଦ୍ଧାରଣ କ୍ଷମତା ତା'ର ନିଜସ୍ୱ ଅର୍ଜିତ ଜ୍ଞାନ ଉପରେ ନିର୍ଭର କରିଥାଏ ଯାହା ଆଂଶିକ ଭାବେ ପାରିପାର୍ଶ୍ୱିକ ପରିସ୍ଥିତି, ଅବସ୍ଥିତି ଜନିତ ଜ୍ଞାନର ବିଷୟାନୁକୂଳ ହୋଇଥିବା ବେଳେ ଅଧିକାଂଶ ଜନ୍ମଗତ ତଥା ବଂଶଜ ଗୁଣ, ଧର୍ମ ଜନିତ ହୋଇଥାଏ । ପାରିପାର୍ଶ୍ୱିକ ଶୈକ୍ଷିକ ପରିବେଶ ମଧ୍ୟରୁ ମଣିଷ ଯେତିକି ଶିକ୍ଷା ଆହରଣ କରିଥାଏ ତନ୍ମଧ୍ୟରୁ କିଛି ଅଂଶ ନିଜର ଜ୍ଞାନ ବିକାଶରେ ସାହାଯ୍ୟ କରୁଥିବା ବେଳେ ଅଧିକାଂଶ ଭାବଧାରା ମଣିଷର ଜନ୍ମଗତ ହୋଇଥାଏ । ଅର୍ଥାତ ଜଣେ ଶିକ୍ଷିତ ମଣିଷର ଦୂରଦୃଷ୍ଟି ଅଧିକ ହେବା ନିଶ୍ଚିତତା ନଥାଏ ଯାହା ଜଣେ ଅଶିକ୍ଷିତ ଚତୁର ମଣିଷ ବନାମ ଦେଖିବାକୁ ମିଳେ ସମାଜରେ ଯାହା ଆମେ ସମସ୍ତେ ଦେଖୁଛେ । ସଠିକ୍ ଆକଳନ କରାଗଲେ ଅନେକ କ୍ଷେତ୍ରରେ ସଂଖ୍ୟା ଗରିଷ୍ଠ ଶିକ୍ଷିତଙ୍କ ଅପେକ୍ଷା ସମାଜର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଅନ୍ୟାନ୍ୟ ଚତୁରଙ୍କ ଦୂରଦୃଷ୍ଟି ଯଥେଷ୍ଟ ଅଧିକ ରହିଥିବା ଲକ୍ଷ କରିହେବ । ଉଦାହରଣ ସ୍ୱରୂପ ଜଣେ ଶିକ୍ଷିତ ଉକିଲଙ୍କ ତୁଳନାତ୍ମକ ଅଶିକ୍ଷିତ ବ୍ୟବସାୟୀର ଦୂରଦୃଷ୍ଟି ଯଥେଷ୍ଟ ଅଧିକ ରହିଥିବା ଦେଖିବାକୁ ମିଳିବ ସ୍ଥଳ ବିଶେଷକୁ ନେଇ । ଜଣେ ଶିକ୍ଷିତ ମଣିଷର ନିଜସ୍ୱ ଅର୍ଜିତ ଶିକ୍ଷା ଉପରେ ଆଧାରିତ ଦୂରଦୃଷ୍ଟି ସେହି ଶିକ୍ଷା ଉପରେ ପାରଙ୍ଗମ ନଥିବା ଅନ୍ୟଜଣେ ମଣିଷ ତୁଳନାତ୍ମକ ଅଧିକ ହେବା ସମ୍ଭାବନା ରହିଥିବା ବେଳେ ତାହାର କୌଣସି ନିଶ୍ଚିତତା ନଥାଏ । କାରଣ ଶିକ୍ଷା ଏକ ସୀମିତ ବଳୟ ମଧ୍ୟରେ ମଣିଷର ଭାବଧାରା ସୃଷ୍ଟି କରିଥାଏ ଯାହା ଅନ୍ୟଜଣେ ମଣିଷ ଦଉ । କିନ୍ତୁ ଚତୁରତା ଏକ ପ୍ରକୃତିଦତ୍ତ ଚରିତ୍ର ଯାହା ମଣିଷକୁ ଅନ୍ତର୍ଜ୍ଞାନୀ କରିଥାଏ । ଚତୁରତା ଶିକ୍ଷାରୁ ଆସିନଥାଏ । ଚତୁରତା ସମ୍ପୃକ୍ତ ମଣିଷର ଗୋଟିଏ ବଂଶଗତ ଜନ୍ମଗତ ଗୁଣ । ତେଣୁ ଅଧିକାଂଶ କ୍ଷେତ୍ରରେ ଶିକ୍ଷିତ ଅପେକ୍ଷା ଅଶିକ୍ଷିତ ହେଲେ ମଧ୍ୟ ଚତୁର ମଣିଷଙ୍କ ଦୂରଦୃଷ୍ଟି ଯଥେଷ୍ଟ ସୁଦୃଢ଼ ଦେଖିବାକୁ ମିଳେ । ମଣିଷ ନିଜର ଦୂରଦୃଷ୍ଟି କ୍ଷମତା ସ୍ୱତଃପ୍ରବୃତ୍ତ ଭାବେ ବୃଦ୍ଧି କରିବାକୁ ଲକ୍ଷ୍ୟରଖି ନିଜର ବିଚାରଶୀଳ କ୍ଷମତା ତଥା ଗ୍ରହଣୀୟତାକୁ ତର୍କଶୀଳ ଅନୁଶୀଳନ ମାଧ୍ୟମରେ ସବୁବେଳେ ଦେଖିଲେ ହୁଏତ କେତେକାଂଶରେ ତାହାର ବୃଦ୍ଧି ହେବା



ପଙ୍କଜ କୁମାର ପାଣିଗ୍ରାହୀ

ସମ୍ଭାବନା ରହିଥାଏ । ପ୍ରାକୃତିକ ତଥା ଜନ୍ମଗତ ଚତୁରତା ନଥିଲେ ମଧ୍ୟ ନିଜସ୍ୱ ଇଚ୍ଛାଶକ୍ତି ମାଧ୍ୟମରେ ମଣିଷ ତାହାର ଚତୁରତା ବୃଦ୍ଧି କରିପାରିବା ଭଳି କ୍ଷମତା ପ୍ରାୟତଃ ରହିଥାଏ ମଣିଷ ମସ୍ତିଷ୍କରେ । କିନ୍ତୁ ସେହି କ୍ଷମତାର ଉପଯୋଗ କରିବାକୁ ହେଲେ ପ୍ରବଳ ଇଚ୍ଛାଶକ୍ତି ସହିତ ନିରୀକ୍ଷଣ, ଅନୁଶୀଳନ ଏବଂ ଧ୍ୟାନ ମାଧ୍ୟମରେ ତାକୁ ଅକ୍ତିଆର କରିହେବ ଯାହା କେହି କରନ୍ତି ନାହିଁ । କାରଣ ଆଜିର ଏହି ଅପ୍ରାକୃତିକ ଭାବଧାରା ବିଶିଷ୍ଟ ଅମାନୁଷିକ ମଣିଷ ସମାଜରେ ସମସ୍ତେ ପ୍ରାୟତଃ ନିଜକୁ ସୌଖିନ ଦୁନିଆରେ ରଖି କୌଣସି କର୍ମ ନକରି ଅଧିକ ଉପାର୍ଜନ କ୍ଷମ ହେବାରେ ବ୍ୟସ୍ତ । ତେଣୁ ପ୍ରାୟତଃ ସମସ୍ତ କ୍ଷେତ୍ରରେ କେବଳ ଗୋଟିଏ ଅମୋଘ ଅସ୍ତ୍ର ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି ଯାହାକୁ କୁହାଯାଏ ମିଛ । ଅର୍ଥାତ ପ୍ରତ୍ୟେକ ସମୟରେ ଜଣେ ଅନ୍ୟକୁ ମିଛ କହି ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ବ୍ୟସ୍ତ ବହୁଳ ଆଜିର ସମାଜ ନିଜର ଦୂରଦୃଷ୍ଟି କ୍ଷମତା ବୃଦ୍ଧି କରିବା ଚିନ୍ତା ନକରି କେବଳ ତତ୍‌କ୍ଷଣାତ ସ୍ୱାର୍ଥ ହାସଲ କରିବାରେ ବ୍ୟସ୍ତ । ତେଣୁ ଏହି ପ୍ରକାଣ୍ଡ ମିଛ ପ୍ରବାହିତ ମଣିଷ ସମାଜରେ ନିଜର ଦୂରଦୃଷ୍ଟି ସଚେତନ କରିବା କ୍ଷମତା ବୃଦ୍ଧି କରିବା ଅସମ୍ଭବ । କାରଣ ମିଛ ମଣିଷକୁ ଅଜ୍ଞାନ କରିଥାଏ, ଏବଂ ଅଜ୍ଞାନ ମଣିଷ ସବୁବେଳେ ମିଛର ସାହାର ନେଇଥା'ନ୍ତି କୌଣସିମତେ ସମାଜରେ ବଂଚିବା ପାଇଁ । ତେଣୁ ମିଥ୍ୟାବାଦିତା ମଣିଷକୁ ଦିନକୁ ଦିନ ଅଜ୍ଞାନର ଚରମ ଶୀର୍ଷରେ ପହଂଚାଇବା ସହିତ ସମସ୍ତ ମଣିଷକୁ କ୍ଷଣ କୋପି ତଥା ଅହଂକାରରେ ଭୂଷିତ କରିଚାଲିଥିବା ଆଜିକା ସମାଜର ଏକ ଦୁଃଖଦଃ ପରିସ୍ଥିତି । କାହା କଥାରେ କିମ୍ବା କୌଣସି ସୂତ୍ରରୁ ପ୍ରବାହିତ ବିଷୟକୁ ସିଧାସଳଖ ଗ୍ରହଣ ନକରି ସବୁବେଳେ ତର୍କଶୀଳ ବିଚାର ରଖୁଥିବା ମଣିଷଙ୍କ ଦୂରଦୃଷ୍ଟି ଯଥେଷ୍ଟ ଉତ୍କୃଷ୍ଟ ମାନର ହୋଇଥାଏ । ସାଧାରଣତଃ ମଣିଷର ମାନସିକ ଆଳସ୍ୟ କୌଣସି ବିଷୟକୁ ତର୍କଶୀଳ ନକରି ସିଧା ସଳଖ ଗ୍ରହଣୀୟତାର ଅନୁମତି ପ୍ରଦାନ ପୂର୍ବକ ନିଜକୁ ଅଜ୍ଞାନ କରିଚାଲିଥିବା ମଣିଷଙ୍କ ସଂଖ୍ୟା ହିସାବ ବହିର୍ଭୂତ ! ତେଣୁ ମିଥ୍ୟାବାଦୀତା ଆଜି ସମୟର ଉଚ୍ଚାସନ ଅଳଙ୍କୃତ କରୁଥିବା କେହି ଅସ୍ୱୀକାର କରିପାରିବେ ନାହିଁ । କାରଣ ସମସ୍ତେ ସେଇଥିରେ ବନ୍ଧା । ଆଉ ସବୁଠାରୁ ଆଶ୍ଚର୍ଯ୍ୟ ଜନକ ପରିସ୍ଥିତି ଏହାଯେ, ଆଜି ସମୟରେ ପ୍ରାୟତଃ ସମସ୍ତ ମଣିଷ ମିଥ୍ୟକୁ ସତ୍ୟ ଏବଂ ସତ୍ୟକୁ ମିଥ୍ୟା ଭାବେ ଗ୍ରହଣ କରିଥା'ନ୍ତି ଯାହା ସେମାନଙ୍କ ଭାବ ବହିର୍ଭୂତ ବିଷୟ ହୋଇପଡିଛି । ଉପଯୁକ୍ତ ଅନୁସନ୍ଧାନ, ନିରୀକ୍ଷଣ କଲେ ଏହି କଥାର ସତ୍ୟତା ଜାଣିହେବ । ତେଣୁ ସତ୍ୟର ଉନ୍ମୋଚନ ପୂର୍ବକ ନିଜର ଗ୍ରହଣୀୟତାକୁ ତର୍କଶୀଳ କରାଇ ପାରିଲେ ଯେ ମଣିଷର ଦୂରଦୃଷ୍ଟି ଯଥେଷ୍ଟ ମାତ୍ରାରେ ବୃଦ୍ଧି ହୋଇ ନିଜର ଜୀବନ ଶୈଳୀକୁ ସରଳ ସୁନ୍ଦର କରିହେବ ସେଇଥିରେ ତିଳେହେଲେ ଦ୍ୱିଧା ନାହିଁ । ମିଥ୍ୟା ସମ୍ଭାଷଣ ଏବଂ ମିଥ୍ୟା ବଚନରୁ ନିଜକୁ ଦୁରେଇ ରଖିପାରିଲେ ଉନ୍ନତ ଦୂରଦୃଷ୍ଟି କ୍ଷମତା ସମ୍ପନ୍ନ ହେବା ସମ୍ଭାବନା ଯଥେଷ୍ଟ ଅଧିକ । କିନ୍ତୁ ନିର୍ଭର କରୁଛି ନିଜସ୍ୱ ବିଚାରଧାରା ଏବଂ ଆଗ୍ରହ ଉପରେ ।

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭.

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସତ୍ୟବାଦୀର ଶେଷସଖା-ଆଚାର୍ଯ୍ୟ ହରିହର



ଅକ୍ଷୟ କୁମାର ରାଉତ

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ । ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି । ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର । ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବୃଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି । ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ । ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ । ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ । ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା । ଗାଁର ଭର୍ଣ୍ଣାକୁଲର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ । ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ । ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ । ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ । ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା । ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ । ମାନବିକ ତଥା ବୈପ୍ଳବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ । ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ୍ୟ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ । ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ । ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି । ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ । ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର । ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି । ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି । କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି" ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ । ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ । ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ । କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ । ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ । ସରକାରୀ ଚାକିରୀରେ ମନ ମାନିଲା ନାହିଁ । ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ । ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି । ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ । ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ । କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ । ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ । ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ । ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ । ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି । ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା । ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ । ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି । ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା । ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର । ୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର । ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ । ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା । ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ । ୧୯୩୧ରେ ହରିହର ଜେଲରେ ଥାଆନ୍ତି । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା । ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ । ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ । ହରିହର ଦୁଇଥର ବିବାହ କରିଥିଲେ ମଧ୍ୟ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା । ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ । ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି । ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ । ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ । ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର । ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ । ଜଣେ ପଣ୍ଡିତ ମନୁ ସଂହିତାରୁ ଶୋଳ୍କ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ । ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା । ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ । କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ । ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ । ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା । ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ । ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ । ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି । ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି । ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ । ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା । ସେ ଏକାବେଳକେ ତଟସ୍ଥ ହୋଇଗଲେ । ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା । ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ । ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର । ୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ । ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମନଙ୍କୁ ପ୍ରେରଣା ଦେଇଥାନ୍ତି । ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି । ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି । ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା । ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ । କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍ । ହଠାତ୍ ତୀର୍ଥ ପାଲଟିଗଲା । ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତ୍ତରବନ୍ଧୁ । ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ ।

ପାରାଦ୍ୱୀପ ଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ ନଂ - ୯୯୩୭୬୯୧୪୭୫

# ସରକାର ପାଇଁ ଷଡ଼ଯନ୍ତ୍ର

**ସୌମେନ୍ଦ୍ର ଜେନା**

କେନ୍ଦ୍ରରେ ଏନ୍‌ଡିଏର ନିର୍ବାଚିତ ସରକାର ୨୦୧୯ରେ ଆସିବା ଇତି ମଧ୍ୟରେ ଦୁଇବର୍ଷ ପୂରଣ ହୋଇଛି । ଆଗାମୀ ନିର୍ବାଚନ ୨୦୨୪ରେ ହେବାକୁ ପ୍ରାୟ ତିନିବର୍ଷ ବାକି ରହିଥିଲେ ମଧ୍ୟ ଭିନ୍ନ ଭିନ୍ନ ରାଜନୈତିକ ଦଳଗୁଡିକ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି । କିଏ କାହା ସହ ରହି ମେଣ୍ଟ ଗଢିବେ ସେ ନେଇ ଆଲୋଚନା ମଧ୍ୟ ଚଳାଇଲେଣି । ଦେଶରୁ କୋରୋନା ମହାମାରୀ ଏଯାଏଁ ସଂପୂର୍ଣ୍ଣ ଯାଇନାହିଁ । ଦୈନିକ ୪୦ହଜାର ରୋଗୀ ସଂକ୍ରମିତ ହେଉଥିବା ସମୟରେ ୫୦୦ରୁ ଅଧିକ ହାରରେ ମୃତ୍ୟୁ ହେବାରେ ଲାଗିଛି । ଏହି ସଙ୍କଟକୁ ମିଳିମିଶି ଲଢିବା ବଦଳରେ ଅତୀତ ଦିନମାନଙ୍କରେ ଯେପରି ବାହାଦୂରୀ ନେବାପାଇଁ ଲଢେଇ, ଅପାରଗତାକୁ ଲୁଚାଇବା ପାଇଁ ଅଭିଯୋଗ, ନାଟକବାଜି ପରି ଘଟଣାସବୁ ଦେଖିବାକୁ ମିଳିଛି ତାହା ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । କିନ୍ତୁ ରାଜନୀତି କରୁଥିବା ଲୋକଙ୍କ ମନରେ ଏଥିପାଇଁ ଦୁଃଖ ନାହିଁ । କିଏ କେତେ ଦୂର ଯାଇ ଦେଶର ବଦନାମକୁ ପହଞ୍ଚାଇପାରିବ ସେ ନେଇ ଏବେ ପ୍ରତିଯୋଗିତା ଲାଗିଛି । ବିଦେଶୀ ଗଣମାଧ୍ୟମ ପାଇଁ ଦେଶ ବିରୋଧୀ ଲେଖାଲେଖି ଦେଶକୁ ବଦନାମ କଲାପରି ଲେଖା ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କା ସାମ୍ବାଦିକମାନେ ନେବାରେ ବ୍ୟସ୍ତ । ସେମିତି ନିର୍ବାଚନରେ କାହାକୁ ଜିତାଯିବ ସେଥିପାଇଁ ଦଲାଲ କମ୍ପାନୀମାନେ ଏବେଠାରୁ ପିଆର୍ କାର୍ଯ୍ୟରେ ଲାଗିପଡିଲେଣି । ଭୁଲ ଖବର ଦେଇ କେମିତି ଭୋଟରକୁ ଠକିହେବ ସେ ନେଇ ଗବେଷଣା ଚାଲିଛି, ପ୍ରୟୋଗ ମଧ୍ୟ ଚାଲିଛି । ଟିଭି ଚ୍ୟାନେଲ କମ୍ପାନୀଗୁଡିକ ପ୍ରାକ୍ ନିର୍ବାଚନ ସର୍ଭେ ଏଥିପାଇଁ ଆରମ୍ଭ କଲେଣି । ପୋର୍ଟାଲ ଲୋକେ ଜନମତ ସଂଗ୍ରହ ନାମରେ ରାସ୍ତାଘାଟ ବୁଲି ଦୈନିକ ସମ୍ବାଦ ସଂଗ୍ରହରେ ବ୍ୟସ୍ତ । ଏଥିରୁ ସମସ୍ତଙ୍କ ବ୍ୟସ୍ତତା ବିଷୟରେ ଜାଣି ହେଉଛି । ଦିଲ୍ଲୀର ସିଂହାସନ ପାଇଁ ସମସ୍ତେ ଯେପରି ନିର୍ବାଚନର ମହାଭାରତ ଯୁଦ୍ଧରେ ସାମିଲ ହୋଇଛନ୍ତି । ନିଜ ନିଜ ରଣନୀତି ପ୍ରସ୍ତୁତିରେ ଲାଗିପଡିଛନ୍ତି । ଭାରତରେ ଗଣତାନ୍ତ୍ରିକ ଶାସନ ସ୍ଥାପିତ ହୋଇଛି ବୋଲି କୁହାଗଲେ ମଧ୍ୟ ଏଠାରେ ବିରୋଧୀ ଦଳଗୁଡିକ କେବଳ ସବୁକିଛିକୁ ହିଁ ବିରୋଧ କରିବାକୁ ରହିଥାନ୍ତି । ନିର୍ବାଚନରେ ହାରି ଯାଇଥିବା ଦଳର ଏକମାତ୍ର ଲକ୍ଷ୍ୟ ହେଉଛି ଆଗାମୀ ନିର୍ବାଚନରେ ବିଜୟ ହାସଲ କରିବା । ତେଣୁ ପାଞ୍ଚବର୍ଷ ପାଇଁ ଶାସକ ଦଳକୁ ବିରୋଧ କରିବା ସେମାନଙ୍କର ଏକମାତ୍ର ଲକ୍ଷ୍ୟ ହେବାବେଳେ ଅନ୍ୟାନ୍ୟ ବିକାଶମୁଖୀ କାର୍ଯ୍ୟରେ ସେମାନଙ୍କ ସହଯୋଗ ଗୌଣ ହୋଇପଡୁଛି । ଜନସାଧାରଣଙ୍କ ପାଇଁ ସବୁବେଳେ ଗଠନମୂଳକ କାର୍ଯ୍ୟ ମାଧ୍ୟମରେ ଯେପରି ସାହାଯ୍ୟ କରାଯିବା ଦରକାର ତାହା ହୋଇପାରୁନାହିଁ । ଯେଉଁ କାରଣରୁ ଦେଶରେ କୋରୋନା ସଂକ୍ରମଣ କାଳରେ ଲୋକଙ୍କ ସହାୟତା ପାଇଁ ବହୁ ରାଜ୍ୟରେ ରାଜନୈତିକ ଦଳର ପ୍ରୟାସର ଅଭାବ ପରିଲକ୍ଷିତ ହୋଇଥିଲା । ଲୋକଙ୍କୁ ସଚେତନ କରିବା ସହ ସତର୍କ ରହି କିପରି ସଂକ୍ରମଣରୁ ସୁରକ୍ଷିତ ରହିବାଲାଗି ପ୍ରୟାସ କରାଯାଇପାରେ ସେ କ୍ଷେତ୍ରରେ ନେତୃତ୍ୱ ନଥିଲାପରି ଜଣାଯାଉଥିଲା । ସାଧାରଣ ଲୋକେ ଡାକ୍ତରମାନଙ୍କ ସେବା ପାଇପାରୁନଥିଲେ କ୍ଲିନିକଗୁଡିକ ବନ୍ଦ ହୋଇଯାଇଥିଲା । ଡାକ୍ତରମାନେ ରୋଗୀଙ୍କ ଚିକିତ୍ସା ପାଇଁ ଭୟ କରୁଥିଲେ । ଏହି ସମୟରେ ସବୁ ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ରାଜନେତାମାନେ ଟେଲି ମେଡିସିନ୍ ସେବା ଯୋଗାଇ ଦେଇ ପାରିଥାନ୍ତେ । ସଂକ୍ରମିତ ରୋଗୀ ଓ ଡାକ୍ତର ମଧ୍ୟରେ କଥାବାର୍ତ୍ତା କରାଇବା ସହ ଔଷଧ ଯୋଗାଣର ମଧ୍ୟ ବ୍ୟବସ୍ଥା କରିପାରିଥାନ୍ତେ । ଦେଶରେ କୋଟି କୋଟି ସଂଖ୍ୟାରେ ରାଜନୈତିକ ଦଳଗୁଡିକର କର୍ମୀ ଥିବା କଥା କୁହାଯିବା ବେଳେ ଲୋକ ପ୍ରତିଦିନ ଅସହାୟ ହୋଇ ସେବାରୁ ବଞ୍ଚିତ ହେଉଥିଲେ ତାହା ଦେଖିବାକୁ ମିଳୁଥିଲା । ଅନେକ ସ୍ଥାନରେ ରୋଗୀ ଡାକ୍ତରଖାନା ଏବଂ ଡାକ୍ତରଙ୍କ ପାଖରେ ପହଞ୍ଚିପାରୁନଥିଲା । କିନ୍ତୁ ସବୁଦଳର ଲୋକେ ଯଦି ଏହି ସମୟରେ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଦୂର କରିବାକୁ ଗ୍ରାମରୁ ସହରଯାଏ ଉଦ୍ୟମ କରିଥାନ୍ତେ ତେବେ ଅନେକାଂଶରେ ଲୋକଙ୍କ ସମସ୍ୟାର ସମାଧାନ ହୋଇଥାନ୍ତା । ହେଲେ ରାଜନେତାମାନେ ତାର ବିପରୀତ କାର୍ଯ୍ୟକରି ଲୋକମାନଙ୍କୁ ମୃତ୍ୟୁ ମୁଖରେ ପକାଇବାର ବ୍ୟବସ୍ଥା କରିଛନ୍ତି । ସଭାସମିତିରୁ ଧାର୍ମିକ ଉତ୍ସବ ଯାଏ ଗହଳିକୁ ନିଜ ସ୍ୱାର୍ଥରେ ଅନୁମତି ଦେଇ ୨୦୨୪ ନିର୍ବାଚନ ପାଇଁ ମଞ୍ଜି ବୁଣିବାରେ ଲାଗିଛନ୍ତି । ପାଖାପାଖି ତିନିବର୍ଷରୁ ଅଳ୍ପ କମ୍ ସମୟ ଏହି ନିର୍ବାଚନ ପାଇଁ ଥିଲାବେଳେ ନେତାମାନେ ଏବେଠୁ ସବୁକିଛି ଛାଡି ସେଥିପାଇଁ କଛା ଭିଡି ବାହାରିଲେଣି । ଏଥିରୁ ବୁଝାପଡିବ ଯେ ଦିଲ୍ଲୀର ଆସନ ପାଇଁ ଯେତେ ଆଗ୍ରହ ରାଜନେତାମାନଙ୍କ ମନରେ ରହିଛି ସେତେଟା ଆଗ୍ରହ ଲୋକଙ୍କ ସେବା କରିବାପାଇଁ ନାହିଁ । ଦିଲ୍ଲୀର କ୍ଷମତା ହାସଲ ପାଇଁ ବର୍ତ୍ତମାନର ମୋଦି ସରକାର କଠୋରତାର ସହ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ବିରୋଧୀଦଳମାନେ ମୋଦିଙ୍କ ବିରୋଧରେ ୨୦୧୯ପରି ମହାମେଣ୍ଟ ଗଢିବାକୁ ସ୍ୱପ୍ନ ଦେଖୁଛନ୍ତି । ପଶ୍ଚିମବଙ୍ଗ ନିର୍ବାଚନରେ ନିଜେ ପରାସ୍ତ ହେବାପରେ ମମତା ବାନାର୍ଜୀ ଦିଲ୍ଲୀ ଆସନ ପାଇଁ ଲଢିବାକୁ ବାହାରିଲେଣି । ଏହି ଲକ୍ଷ୍ୟରେ ସେ ଭିନ୍ନ ଭିନ୍ନ ବିରୋଧୀ ଦଳର ନେତାମାନଙ୍କୁ ସାକ୍ଷାତ କରିବା ଆରମ୍ଭ କରିଦେଇଛନ୍ତି । କେବଳ ଦେଶ ଭିତରେ ଯେ ସରକାର ବିରୋଧୀ କାର୍ଯ୍ୟ ଜାରି ରହିଛି ତା ନୁହେଁ,ଦେଶ ବାହାରେ ଚୀନ, ପାକିସ୍ଥାନ, ଆମେରିକା, ଇଉରୋପ ଆଦି ଦେଶରେ ଭାରତକୁ ନିୟନ୍ତ୍ରଣ କରିବା ପାଇଁ ଧାରାବାହିକ ଷଡଯନ୍ତ୍ର ଜାରି ରହିଛି । ଆମେରିକାର ହୋଟେଲମାନଙ୍କରେ କାଶ୍ମିର ମାମଲାକୁ ବାରମ୍ବାର ଉଠାଇବା, ପଥରବାଜଙ୍କୁ ଟଙ୍କା ବାଣ୍ଟିବା ପରି କାର୍ଯ୍ୟ୨୦୦୮-୨୦୦୯ରୁ ହୋଇଆସିଥିବା ଜଣାପଡିଛି । ସେ ସମୟର ପୁରୁଣା ଫୋନ କଥାବାର୍ତ୍ତାରୁ ଭାରତର ଅଗ୍ରଗତିକୁ ରୋକିବା ଲାଗି ଅନେକ ଗୋଷ୍ଠୀ ଭିନ୍ନ ଭିନ୍ନ ମଞ୍ଚ ମାଧ୍ୟମରେ ବିରୋଧ କରି ଆସିଛନ୍ତି । ହଙ୍ଗେରୀ-ଆମେରିକୀୟ ବ୍ୟବସାୟୀ, ପୁଞ୍ଜି ନିବେଶକାରୀ ତଥା ନିଜକୁ ସମାଜସେବକ ଭାବେ ପରିଚୟ ଦେଉଥିବା ଆମେରିକାର ଜର୍ଜ ସୋରୋସ ଭାରତର ରାଷ୍ଟ୍ରୀୟତା, ନରେନ୍ଦ୍ର ମୋଦିଙ୍କ ପ୍ରଚଣ୍ଡ ଦେଶଭକ୍ତିକୁ ଘୃଣା କରିବାକୁ ଯାଇ କେନ୍ଦ୍ର ସରକାରକୁ ହଟାଇବାକୁ ଓପନ ସୋସାଇଟୀ ଫାଉଣ୍ଡେସନ ମାଧ୍ୟମରେ ଟଙ୍କା ବାଣ୍ଟିବାରେ ବ୍ୟସ୍ତ ରହିଛନ୍ତି । ସମାଜସେବା ଆଳରେ ୧୯୯୯ରୁ ଭାରତର ବାମପନ୍ଥୀଙ୍କୁ କାର୍ଯ୍ୟକରିବା ପାଇଁ ସେ ସକ୍ରିୟ କରି ଆସିଛନ୍ତି । ଭାରତର ଗଣତନ୍ତ୍ରକୁ ସବୁବେଳେ ଦୁର୍ବଳ କରି ରଖିବାକୁ ଚାହୁଁଥିବା ସୋରୋସ ଭାରତର ଅନେକ ଗଣମାଧ୍ୟମ, ବିଚାର ବ୍ୟବସ୍ଥାରେ ଥିବା ଲୋକଙ୍କୁ ଆର୍ଥିକ ସହାୟତା ଦେଇ ଆସିଛନ୍ତି । ୨୦୦୮ରେ ସୋରୋସ୍‌ଙ୍କ ଇକୋନୋମିକ ଡେଭଲପମେଣ୍ଟ ଫଣ୍ଡ ଭାରତରେ କାର୍ଯ୍ୟପାଇଁ ଓମିଦ୍ୟାର ନେଟୱାର୍କ, ଇଣ୍ଡିଆନ ସ୍କୁଲ ଅଫ ବିଜିନେସ ଏବଂ ଗୁଗୁଲ ପରି ସଂସ୍ଥା ମାଧ୍ୟମରେ ୧୭ମିଲିଅନ ଡଲାର ଖର୍ଚ୍ଚ କରି ଦେଶର ବୁଦ୍ଧିଜୀବୀ, ସାମ୍ବାଦିକ, ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ନିଜ ସପକ୍ଷରେ ନେଇଥିଲେ । ପୂର୍ବରୁ ୧୯୯୫ରେ ସୋରୋସ ମିଡିଆ ଡେଭଲପମେଣ୍ଟ ଇନଭେଷ୍ଟମେଣ୍ଟ ଫଣ୍ଡ ଆରମ୍ଭ କରିଥିଲେ । ସୋରୋସଙ୍କ ସଂସ୍ଥାରୁ ଭାରତରେ କାର୍ଯ୍ୟରତ ଗଣମାଧ୍ୟମ ବାମପନ୍ଥୀ ସ୍କ୍ରୋଲ ୱେବ ସାଇଟ, ଗ୍ରାମବାଣୀ ଆଦି ଅର୍ଥଲାଭ କରିଥିଲେ । ଏହି ସଂସ୍ଥା ଇଣ୍ଟରନେସନାଲ କମିଟି ଅଫ ଇନଭେଷ୍ଟିଗେଟିଭ ଜର୍ଣ୍ଣାଲିଷ୍ଟ ନାମକ ଏକ ସଂସ୍ଥାକୁ ମଧ୍ୟ ଭାରତରେ ଅର୍ଥ ଦେବା ଆରମ୍ଭ କଲା । ଏହି ସଂସ୍ଥା ସଂପର୍କରେ କେତେକ ସାମ୍ବାଦିକ ଥିଲେ ଯେଉଁମାନେ ସୋରୋସଙ୍କ ଠାରୁ ଲାଭବାନ ହେଲେ । ରିତୁ ସରନ, ଶ୍ୟାମଲାଲ ଯାଦବ, ପି ବୈଦ୍ୟନାଥନ ଆୟାର, ରାକେଶ କାଲସିୟା ଆଦି ଏହି ଗୋଷ୍ଠୀରେ ରହିଥିଲେ । ଜର୍ମାନୀ ଚାନେଲ ଡିଚ୍‌ୱେଲେ ପାଇଁ ରାକେଶ ଏବେ କାର୍ଯ୍ୟ କରୁଛନ୍ତି । ଏସିଆନ ଏଜର ମୂରଲୀ କ୍ରିଷ୍ଣା ଏବଂ ୟୁସୁଫ ଜମିଲ, ଡାଟାଲିଓ୍ୱର ସୟଦ ନଜାବତ୍ ମଧ୍ୟ ଏଥିରେ ସାମିଲ ଥିଲେ । ସରକାର ବିରୋଧୀ ପ୍ରଚାର ପାଇଁ, ମିଥ୍ୟା ଅଭିଯୋଗ ଆଣିବାପାଇଁ ବାମପନ୍ଥୀ ବୁଦ୍ଧିଜୀବୀ ହର୍ଷ ମନ୍ଦେର, ପ୍ରତାପ ଭାନୁ ମେହେଟ୍ଟା, ଇନ୍ଦିରା ଜୟସିଂହ ଏବଂ ଅମର୍ତ୍ତ୍ୟ ସେନ୍‌ଙ୍କୁ ଏହି ଗୋଷ୍ଠୀରେ ସାମିଲ କରାଯାଇଛି । ଓପନ ସୋସାଇଟୀରୁ ଅର୍ଥ ସହାୟତା ପାଉଥିବା ସ୍ୱେଚ୍ଛାସେବୀ ସଂସ୍ଥା ନମତିରେ ସୋରୋସ ଏବଂ ସେନ ପରାମର୍ଶ ଉପଦେଷ୍ଟା ରହିଛନ୍ତି । ଅତୀତରେ କଂଗ୍ରେସର ନିକଟ ସଂପର୍କରେ ଥିବା ହର୍ଷ ମନ୍ଦେର ଅନେକ ସମୟରେ ମୋଦିଙ୍କ ବିରୋଧରେ ବିଷୋଦଗାର କରିବା ପ୍ରାୟତଃ ଦେଖାଯାଇଥାଏ । ଡିସେମ୍ବର ୨୦୧୯ରେ ଦିଲ୍ଲୀର ଜାମିଆମିଲିଆ ଇସଲାମିଆ କ୍ୟାମ୍ପସରେ ହିନ୍ଦୁ ବିରୋଧୀ ଦଙ୍ଗା ପଛରେ ତାଙ୍କର ବଡ ଭୂମିକା ରହିଥିଲା । ଅଥଚ ମୁହଁଟାଣ ଦେଖାଇବାକୁ ଯାଇ ସେ ଅନ୍ୟମାନଙ୍କ ବିରୋଧରେ ମକଦ୍ଦମା କରିବା ଦେଖାଯାଇଥିଲା । ସୋରୋସଙ୍କ ଗୋଷ୍ଠୀରେ ଯୋଗେନ୍ଦ୍ର ଯାଦବ ୨୦୦୬ରେ ସାମିଲ ହୋଇଥିଲେ । ୨୦୦୬ରେ ସୋରୋସଙ୍କ ଭାରତଗସ୍ତ କାଳରେ ସେଣ୍ଟର ଫର ଷ୍ଟଡି ଅଫ ଡେଭଲପିଙ୍ଗ୍ ସୋସାଇଟୀ ସଂସ୍ଥାର ଜଣେ ପ୍ରାଧ୍ୟାପକ ଭାବେ ସେ ଏକ ରିପୋର୍ଟ ସୋରୋସଙ୍କ ନିକଟରେ ଉପସ୍ଥାପନ କରିଥିଲେ । ସେହିପରି କାଶ୍ମୀର ମାମଲାରେ ପାକିସ୍ଥାନକୁ ସମର୍ଥନ କରୁଥିବା ଲେଖକ ଓ ସାମ୍ବାଦିକ ବସାରତ ପୀର ୨୦୦୯-୧୦ରେ ଓପନ ସୋସାଇଟୀର ଫେଲୋ ରହି ବେଶ୍ ଆର୍ଥିକ ଲାଭ ପାଇଥିଲେ । ହିନ୍ଦୁସ୍ଥାନ ଟାଇମ୍ସ ଏବଂ ଦି ଇଣ୍ଡିଆନ ଏକ୍ସପ୍ରେସରେ କାର୍ଯ୍ୟ କରିସାରିଥିବା ସାମ୍ବାଦିକା ଚିତ୍ରାଙ୍ଗଦା ଚୌଧୁରୀ ୨୦୧୪ରୁ ସୋରୋସଙ୍କ ସଂସ୍ଥାର ଫେଲୋ ରହିଆସିଛନ୍ତି । ନିଜକୁ ଜଣେ ସୂଚନାଧିକାର କର୍ମୀ ଓ ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜର ଅଧ୍ୟାପକ କହୁଥିବା ଶେଖର ସିଂହ ମଧ୍ୟ ସୋରୋସଙ୍କ ଅର୍ଥରେ ଲାଭାନ୍ୱିତ ହୋଇଛନ୍ତି । ନିଉଜ୍ ପୋର୍ଟାଲ ଦି ପ୍ରିଣ୍ଟ ସଂସ୍ଥାର ଶେଖର ଗୁପ୍ତାଙ୍କ ସହ ସୋରୋସଙ୍କ ସଂପର୍କ ବେଶ୍ ନିବିଡ । ଇଡିଟର୍ସ ଗିଲ୍‌ଡ ଅଫ ଇଣ୍ଡିଆ ପରି ସଂସ୍ଥାରେ ଶ୍ରୀ ଗୁପ୍ତା ଜଡିତ ଥାଇ ସୋରୋସଙ୍କ ପ୍ରଚଣ୍ଡ ସମର୍ଥକ ରହି ଆସିଛନ୍ତି । ସୋରୋସଙ୍କ ସଂସ୍ଥା ଏବଂ ଓମିଦ୍ୱାର ନେଟୱାର୍କ ଫାଷ୍ଟଚେକିଂ ନେଟୱାର୍କକୁ ପ୍ରାୟ ୧.୩ମିଲିଅନ ଡଲାର ଅର୍ଥ ପ୍ରଦାନ କରିଛନ୍ତି । ଦିଲ୍ଲୀର ଓକିଲ ଇନ୍ଦିରା ଜୟସିଂହ ଏବଂ ତାଙ୍କ ସ୍ୱାମୀ ଆନନ୍ଦ ଗ୍ରୋଭର ସରକାର ବିରୋଧୀ ପ୍ରଚାର ପାଇଁ ଲୟାର୍ସ କଲେକଟିଭ ନାମରେ ସୋରୋସଙ୍କ ଠାରୁ ଅର୍ଥ ନେଇଛନ୍ତି । ୨୦୧୮ରେ ସିବିଆଇ ପକ୍ଷରୁ ସେମାନଙ୍କ ସଂସ୍ଥା ଉପରେ ଚଢାଉ କରାଯାଇଥିଲା । ବିଦେଶରୁ ଅର୍ଥ ସଂଗ୍ରହ ପାଇଁ ଜାଲିଆତି କରିଥିବା ନେଇ ସୁପ୍ରିମକୋର୍ଟ ପକ୍ଷରୁ ସେମାନଙ୍କ ବିରୋଧରେ ନୋଟିସ ମଧ୍ୟ ଜାରି କରାଯାଇଥିଲା । ସୋରୋସଙ୍କ ଅର୍ଥ ପାଇଥିବା ଅନ୍ୟ ଏକ ସଂସ୍ଥା ହେଲା ସେଣ୍ଟର ଫର ପଲିସି ରିସର୍ଚ୍ଚ ସଂସ୍ଥା ଜର୍ଜଙ୍କ ଅର୍ଥ ପାଉଥିବା ଅମର୍ତ୍ତ୍ୟଙ୍କ ସଂସ୍ଥା ନମତି ଏହି ସଂସ୍ଥାକୁ ସହାୟତା ଦେଇଥାଏ । ପ୍ରତାପ ଭାନୁ ମେହେଟ୍ଟା, ଯାମିନୀ ଆୟାର ପ୍ରମୁଖ ଏହି ସଂସ୍ଥାର । ଏମାନଙ୍କ କାର୍ଯ୍ୟହେଲା ଭାରତ ସରକାରଙ୍କ ଛବି ଖରାପ କଲା ଭଳି ଦେଶ ବିଦେଶରେ ପ୍ରଚାର କରିବା । ଏହାଛଡା ଅନ୍ୟ ଏକ ଏନ୍‌ଜିଓ ହେଉଛି ମାର୍ଗ ଯାହା ସୋରୋସଙ୍କ ଠାରୁ ସହାୟତା ଅର୍ଥ ପାଇଥାଏ । ସୋରୋସଙ୍କଠାରୁ ସହାୟତା ପାଉଥିବା ଅନ୍ୟ ଏକ ଖ୍ରୀଷ୍ଟିଆନ ସଂସ୍ଥା ହେଲା ଇଟାନୀ ବା ଇଭାଞ୍ଜେଲିକାଲ ଟ୍ରଷ୍ଟ ଆସୋସିଏସନ ଅଫ ନର୍ଥ ଇଣ୍ଡିଆ । ଏହାଛଡା କମନୱେଲଥ ହ୍ୟୁମାନ ରାଇଟ ଇନିସିଏଟିଭ, ସୋସିଓ-ଲିଗାଲ ଇନଫରମେସନ ସେଣ୍ଟର ମଧ୍ୟ ସୋରୋସଙ୍କ ଭାରତ ବିରୋଧୀ ସେନାବାହିନୀର ଅଂଶ ବିଶେଷ । ୧୯୮୭ରେ ମିଡିଆ ରିସର୍ଚ୍ଚ ସେଣ୍ଟର ନାମରେ ଏକ ବାମପନ୍ଥୀ ସଂସ୍ଥା ସ୍ଥାପନକରି ସୋରୋସ ୱାସିଂଟନ ପୋଷ୍ଟ, ଦି ନ୍ୟୁୟର୍କ ଟାଇମ୍ସ, ସିଏନ୍‌ଏନ୍, ଆସୋସିଏଟେଡ ପ୍ରେସ, ଏନ୍‌ବିସି ଓ ଏବିସିପରି ପ୍ରମୁଖ ୩୦ଟି ସଂସ୍ଥାକୁ ଅର୍ଥ ପ୍ରଦାନକରି ଏବେ ନିଜର ପ୍ରଭୁତ୍ୱ ବିସ୍ତାର କରିଛନ୍ତି । ସୋରୋସ ନେସନାଲ ପବ୍ଲିକ ରେଡିଓ, ହଫିଙ୍ଗଟନ ପୋଷ୍ଟକୁ ମଧ୍ୟ ଆର୍ଥିକ ସହାୟତା ଦେଉଛନ୍ତି । ୨୦୦୩ରେ ସୋରୋସ ୪୮ମିଲିଅନ ଡଲାର ଗଣମାଧ୍ୟମ କ୍ଷେତ୍ରରେ ଖର୍ଚ୍ଚ କରିଥିଲେ । ଅନେକ ସାମ୍ବାଦିକ ସଂଗଠନ ଦି ନେସନାଲ ଫେଡେରେସନ ଅଫ କମ୍ୟୁନିଟୀ ବ୍ରୋଡକାଷ୍ଟର୍ସ, ଦି ନେସନାଲ ଆସୋସିଏସନ ଅଫ ହିସପାନିକ ଜର୍ଣ୍ଣାଲିଷ୍ଟ, କମିଟି ଟୁ ପ୍ରୋଟେକ୍ଟ ଜର୍ଣ୍ଣାଲିଷ୍ଟ ଆଦି ସୋରୋସଙ୍କ ଅର୍ଥରେ ଲାଭାନ୍ୱୀତ ହୋଇଛନ୍ତି । କଲମ୍ବିଆ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ ସ୍କୁଲ ଅଫ ଜର୍ଣ୍ଣାଲିଜମ୍ ୨୦୧୧ରୁ ସୋରୋସଙ୍କଠାରୁ ଅର୍ଥ ପାଉଛି । ଜର୍ଜ ସୋରୋସ,ଓମାଦିୟାର, ବର୍ଗୁଏନଙ୍କ ପରି ବିଦେଶୀ କୋଟିପତିମାନେ ଏବେ ପୃଥିବୀର ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକୁ ନିଜର ନିୟନ୍ତ୍ରଣ ମଧ୍ୟରେ ରଖି ସଖୀ କଣ୍ଢେଇ ସରକାର ମାଧ୍ୟମରେ ନିଜର ସ୍ୱାର୍ଥସିଦ୍ଧି ଓ ବ୍ୟାବସାୟିକ ଲାଭ ଉଠାଇବାକୁ ଚାହାନ୍ତି । ଯେଉଁ ଦେଶର ସରକାର ଏମାନଙ୍କ କଥାମାନନ୍ତି ନାହିଁ ସେଠାରେ ଏମାନେ ଭିନ୍ନ ଭିନ୍ନ ସଂସ୍ଥାଙ୍କୁ ଅର୍ଥ ଦେଇ କରାୟତ୍ତ କରନ୍ତି । ସେମାନଙ୍କ ମାଧ୍ୟମରେ ଦେଶରେ ଅପପ୍ରଚାର, ମିଥ୍ୟାଖବର ପ୍ରସାର, ସରକାରଙ୍କ ନିନ୍ଦା, ଜନଅସନ୍ତୋଷ ପରି ଅସ୍ଥିରତା ସୃଷ୍ଟିକରି ସରକାରକୁ କ୍ଷମତାରୁ ଅପସାରିତ କରିବାକୁ ବିରୋଧୀ ଦଳ ଏବଂ ଗଣମାଧ୍ୟମକୁ ଲଗାଇଥାନ୍ତି । ରୁଷିଆ ଏହି ସଂସ୍ଥାକୁ ନିଷିଦ୍ଧ କରିଛି । ସୋରୋସ ଗୋଷ୍ଠୀ ମୋଦିଙ୍କୁ ନିଜ ପକେଟରେ ରଖିବାକୁ ସମର୍ଥ ନ ହେବାରୁ ୨୦୧୬ରୁ ଏହି ସଂସ୍ଥାମାନେ ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ଗଣମାଧ୍ୟମ ମାଧ୍ୟମରେ ଭାରତ ବିରୋଧୀ ପ୍ରଚାରରେ ଲାଗିପଡିଛନ୍ତି । ସିଏଏ, ଧାରା ୩୭୦ ଉଚ୍ଛେଦ, ଏନ୍‌ଆର୍‌ସି ବିରୋଧୀ ଜନମତ ସୃଷ୍ଟି ପାଇଁ ସୋରୋସ ଢେର ଅର୍ଥ ଭାରତରେ ଲଗାଇଛନ୍ତି । ଭାରତ ସରକାରଙ୍କ ପତନ ପାଇଁ ସେ ୧ ବିଲିଅନ ଡଲାର ଖର୍ଚ୍ଚ କରିଛନ୍ତି । ଇନ୍ଦିରା ଜୟସିଂହ, ପିଏଫ୍‌ଆଇ,କପିଲ ସିବଲ, ତିସ୍ତା ଶୀତଲୱାଡ,ଜାଭେଦ ଅଖତାର ପ୍ରମୁଖ ଭାରତର ବହୁ ତଥାକଥିତ ସଫେଦ ସଇତାନମାନେ ବିଦେଶୀ ସଂସ୍ଥା ସହ ସଂପର୍କ ରଖି ଦଲାଲି କରି ଆସୁଛନ୍ତି । ନରେନ୍ଦ୍ର ମୋଦିଙ୍କ ପାଇଁ ଏମାନଙ୍କ ପଛପଟେ ନିଆଁ ଲାଗିଛି । ଭାରତର ସଶକ୍ତ ବିଦେଶନୀତି, ଆତ୍ମନିର୍ଭରଶୀଳ ଅର୍ଥନୀତି, ସ୍ୱାଭିମାନୀ ପ୍ରତିରକ୍ଷା ନୀତିରେ ଏହି ଗୋଷ୍ଠୀ ଏବେ ଭୟଭୀତ ହୋଇଛନ୍ତି । ତେଣୁ ନୂଆଦିଲ୍ଲୀର ସରକାରକୁ ଯେ କୌଣସି ପ୍ରକାରେ ହଟାଇବାକୁ ଏମାନେ ଲାଗିପଡିଛନ୍ତି । ଇନ୍ଦ୍ରପ୍ରସ୍ଥର ସିଂହାସନ ଅତୀତରେ ବିଦେଶୀ ଶକ୍ତିମାନଙ୍କୁ ଆକର୍ଷଣ କରିଥିଲା । ସେମାନେ ହଜାର ହଜାର ବର୍ଷ ଧରି ଭାରତ ଉପରେ ଆକ୍ରମଣ କରି ଆସିଥିଲେ ନିଜର ପ୍ରଭୁତ୍ୱ ବିସ୍ତାର ପାଇଁ । ସେମିତି ଆଜି ମଧ୍ୟ ନୂଆଦିଲ୍ଲୀର ସିଂହାସନ ଉପରେ ପ୍ରଭୁତ୍ୱ ବିସ୍ତାର ଲାଗି ବର୍ତ୍ତମାନର ତଥାକଥିତ ଦେଶୀ ବିଦେଶୀ ଗଣତନ୍ତ୍ରବାଦୀ, ସାମ୍ୟବାଦୀ, ସନ୍ତ୍ରାସବାଦୀ, ସୁବିଧାବାଦୀ ଲୋକେ ଲାଗିପଡିଛନ୍ତି । ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟ ଯେମିତି ଦିଲ୍ଲୀର ସିଂହାସନକୁ ଦଖଲ କରିବା, ଯେ କୌଣସି ପ୍ରକାରେ ହେଉ ।

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩




## ଭୁବନେଶ୍ୱରରେ ଶ୍ରଦ୍ଧା ଫାଉଣ୍ଡେସନର କ୍ୟାନସର ସେବାଶ୍ରୟ ଉଦ୍‌ଘାଟିତ




ଭୁବନେଶ୍ୱର: ବିଗତ ଦୁଇ ଦଶନ୍ଧି ଧରି ବମ୍ବେରେ କର୍କଟ ରୋଗୀମାନଙ୍କୁ ସେବା ଓ ସହାୟତା ପ୍ରଦାନ କରି ଆସୁଥିବା ଶ୍ରଦ୍ଧା ଫାଉଣ୍ଡେସନ ନୂଆକରି ଭୁବନେଶ୍ୱରରେ ଏକ ସେବା ଆଶ୍ରମ ପ୍ରତିଷ୍ଠା କରିଛନ୍ତି। ଆଜି ପାତ୍ରପଡ଼ା ସ୍ଥିତ ଏମ୍ସ ନଗରର ଏହା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଅଧକ୍ଷ ଶ୍ରୀ ବିମଳ ପ୍ରସାଦ ଶର୍ମା ଯୋଗଦେଇ କହିଥିଲେ ଶ୍ରଦ୍ଧାଫାଉଣ୍ଡେସନର ଉତରୋତର କାମନା କରିବା ସହ କର୍କଟ ରୋଗୀଙ୍କ ପାଇଁ ସେବାଶ୍ରୟଟିଏ ହୋଇଥିବାରୁ ଫାଉଣ୍ଡେସର କର୍ମକର୍ତାଙ୍କ ଭୂୟସୀ ପ୍ରଶଂସା କରିଥିଲେ। ଫାଉଣ୍ଡେସନର ଅଧକ୍ଷ କ୍ୟାପଟେନ କମଳାକାନ୍ତ ଚୌଧୁରୀ ଓ ମେନେଜିଂଟ୍ରଷ୍ଟି ଶ୍ରୀମତୀ ସାଧାନ ଚୌଧୁରୀ ପ୍ରାରମ୍ଭରେ ଏହି ଫାଉଣ୍ଡେସନର ଆଭିମୁଖ୍ୟ ଉଦ୍ଦେଶ୍ୟ ବିବରଣୀ ଉପସ୍ଥାପନ କରିଥିଲେ। କର୍କଟ ରୋଗର ସର୍ବୋତମ ଚିକିତ୍ସା ନିମନ୍ତେ ଦୀର୍ଘ ଦିନରୁ ଓଡ଼ିଶାର ରୋଗୀମାନେ ଟାଟା ମେମୋରିଆଲ ହସପିଟାଲକୁ ଯାଇ ରହିବା ଓ ଯୋଗାଯୋଗର ସୁବିଧା ନିମନ୍ତେ ଶ୍ରଦ୍ଧା ଫାଉଣ୍ଡେସନ ଦୀର୍ଘଦିନରୁ ସହାୟତାର ହାତ ବଢ଼ାଇ ଆସୁଅଛି। ବର୍ତମାନ ଭୁବନେଶ୍ୱରରେ ଏମସ୍ ତଥା ଅନ୍ୟାନ୍ୟ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ପାଇଁ ଖାଇବା ଓ ଡାକ୍ତରଖାନା ସହ ଯୋଗାଯୋଗ କରାଇବା ନିମନ୍ତେ ଶ୍ରଦ୍ଧା ଫାଉଣ୍ଡେସନର ନୂତନ ସେବା ସଂସ୍ଥା ସମର୍ପିତ ହେଲା। କ୍ୟାପଟେନ ଚୌଧୁରୀ ନ୍ତଦାନ ସଂକଳ୍ପନ୍ତ ପ୍ରଚେଷ୍ଟା ମାଧ୍ୟମରେ ସାଧାରଣ ଲୋକଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ସ୍ୱଳ୍ପ ଅର୍ଥ ସହାୟ ପାଇଁ ପ୍ରତିଶ୍ରୁତି ଦେବେବୋଲି ବକ୍ତବ୍ୟରେ ପ୍ରଦାନ କରିଥିଲେ। ଏହି ନୂତନ ଆଶ୍ରୟ ସ୍ଥଳିରେ ୭୦ ଜଣ ରୋଗୀ ଓ ତାଙ୍କର ସହାୟକଙ୍କ ପାଇଁ ରହିବା, ଖାଇବା ଏବଂ ଡାକ୍ତରଖାନ ସହ ଯୋଗାଯୋଗର ସେବା ଦେବା ପାଇଁ ବ୍ୟବସ୍ଥା ରହିଛି। ଭୁବନେଶ୍ୱର ଏହା ଏକ ଅଭିନବ ସଂସ୍ଥା ଏବଂ ଅତ୍ୟନ୍ତ ଉପକାରୀ ଅନୁଷ୍ଠାନ ବୋଲି ଶ୍ରୀଯୁକ୍ତ ସୁଧାଂଶୁ କର, ସୁବାଷ ଚନ୍ଦ୍ର ଚୌଧୁରୀ, ପ୍ରଭାତ ମହାନ୍ତି, ଲିଙ୍ଗରାଜ ଚୌଧୁରୀ, ପ୍ରେମାନନ୍ଦ ମିଶ୍ର, ବିରାଜ କୁମାର ଦାସ, ମନୋଜ କୁମାର ଦାସ, ଅଜୟ ଖୁଂଟିଆ ପ୍ରଭୃତି ସେମାନଙ୍କର ଅଭିମତ ପ୍ରକାଶ କରିଥିଲେ। ପରିଶେସରେ ଶ୍ରୀ ଆଭାସ ଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## କରୋନାରେ ଆଉ ୬୮ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୬୨୩୬ ହେଲା

ଭୁବନେଶ୍ୱର: ରାଜ୍ୟରେ କରୋନାରେ ଆଉ ୬୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୨୩୬ ହୋଇ ଯାଇଛି ।ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୧୧ ଜଣ ଭୁବନେଶ୍ୱରର ରହିଛନ୍ତି । ସେହିପରି ପୁରୀ ଓ ସୁନ୍ଦରଗଡ ଜିଲ୍ଲାରେ ୧୨-୧୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାରେ ୧୧ ଜଣ ଓ କେନ୍ଦ୍ରାପଡା ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ଘଟିଛି। ବରଗଡ ଜିଲ୍ଲାରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲାରେ ୨-୨ ଜଣ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି । ଭଦ୍ରକ, ଯାଜପୁର, କେନ୍ଦୁଝର, ନୟାଗଡ, ମୟୁରଭଂଜ, ନବରଙ୍ଗପୁର, ନୂଆପଡା, ସମ୍ବଲପୁର, ବଲାଙ୍ଗୀର ଜିଲ୍ଲାରେ ଜଣେ ଲେଖାଏଁ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ।

## ରୋଟାରୀ କ୍ଲବ ଇକୋ ପକ୍ଷରୁ ବୃହତ୍ ଚାରାରୋପଣ ଅଭିଯାନର ଶୁଭାରମ୍ଭ



ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ରୋଟାରୀ କ୍ଲବ ଇକୋ ପକ୍ଷରୁ ନିକଟରେ ବ୍ୟାପକ ଚାରାରୋପଣ ଅଭିଯାନର ଶୁଭାରମ୍ଭ କରାଯାଇଛି। ଚଳିତ ବର୍ଷ ସ୍ଥାପନ ହୋଇଥିବା ଏହି କ୍ଲବ, ଓଡ଼ିଶାର ପଚିଶଟି ରାଜସ୍ୱ ଜିଲ୍ଲାକୁ ନେଇ ଗଠିତ ୩୨୬୨ ରୋଟାରୀ ଜିଲ୍ଲାର ଏକମାତ୍ର ମହତ ଉଦ୍ଦେଶ୍ୟ ଆଧାରିତ କ୍ଲବର ଅନନ୍ୟ ମାନ୍ୟତା ହାସଲ କରିଛି। କ୍ଲବର ସଦସ୍ୟମାନଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରୁ ୬୦କି.ମି. ଦୂରବର୍ତ୍ତୀ ଢେଙ୍କାନାଳ ଜିଲ୍ଲାର କପିଳାସ ପାହାଡ଼ର ପାଦଦେଶରେ ଅବସ୍ଥିତ ୱାଲଡେନ୍‌ଉଡ୍‌ସ ଇକୋ ଭିଲେଜ (ୱେଭ୍)ର ପରିସରରେ ଆୟୋଜନ କରାଯାଇଥିଲା। କ୍ଲବ ସଦସ୍ୟମାନଙ୍କୁ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବସ ଯୋଗେ ଚାରାରୋପଣ ସ୍ଥଳକୁ ନିଆଯାଇଥିଲା। ୩୦୦ ଏକର ପରିମିତ ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା ଏହି ସଦା ସବୁଜ ଭୂମିକୁ ୱେଭ୍ ପୂର୍ବ ଭାରତରେ ସର୍ବୋତ୍ତମ ପରିବେଶ କେନ୍ଦ୍ର ଭାବରେ ଗଢ଼ି ତୋଳିବାକୁ ଯାଉଛି। ଦିଗ୍‌ବଳୟକୁ ଘେରି ରହିଥିବା ଦୀର୍ଘ ପର୍ବତମାଳା, ଧାଡ଼ିଧାଡ଼ି ଧରି ଶୋଭା ପାଉଥିବା ଶାଳ ବୃକ୍ଷ ରାଜି, ସ୍ୱଚ୍ଛ ତାଜା ମୃଦୁ୍ୟମନ୍ଦ ପବନ, ଝରଣାର କଳକଳ ନାଦ, ପଶୁ ପକ୍ଷୀଙ୍କର ସୁଶ୍ରାବ୍ୟ ତାନ ଏବଂ ଅସରନ୍ତ ସବୁଜିମାର ମହଜୁଦି ୱେଭ୍‌କୁ ଭୂସ୍ୱର୍ଗର ଆଖ୍ୟା ପ୍ରଦାନ କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।ୱେଭ୍‌ରେ ପହଁଞ୍ଚିବା କ୍ଷଣି ରୋଟାରୀ ପ୍ରତନିଧି ଦଳଙ୍କୁ ସ୍ଥାନୀୟ ଆଦିବାସୀ ମହିଳାମାନେ ପାରମ୍ପରିକ ଲୋକନୃତ୍ୟ ଓ ସଂଗୀତ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସମଗ୍ର ପରିବେଷ୍ଟନୀ ଉତ୍ସବ ମୁଖରିତ ହୋଇପଡ଼ିଥିଲା। ଚାରାରୋପଣ ପର୍ଯ୍ୟାୟ ରୋଟାରୀ କ୍ଲବର ସଦସ୍ୟଗଣ ଏବଂ ୱେଭ୍‌ର କର୍ମକର୍ତ୍ତାମାନଙ୍କ ଦ୍ୱାରା ସଫଳତାର ସହିତ ସମ୍ପନ୍ନ କରାଯାଇଥିଲା। ରୋଟାରୀ କ୍ଲବ ଇକୋର ଯୁବ ଏବଂ କର୍ମଠ ସଭାପତି ତଥା ୱେଭ୍‌ର ପ୍ରତିଷ୍ଠାତା ରାମକୃଷ୍ଣ ଦାଶ ସମଗ୍ର ଆୟୋଜନର ତଦାରଖ କରିଥିଲେ। ଉପସ୍ଥିତ ରୋଟାରୀଆନ୍‌ମାନେ ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରୀସ୍ଥିତ କଡିଅମ ନର୍ସରୀରୁ ଆସିଥିବା ତିନି ଚାରି ବର୍ଷ ବୟସ୍କ ମୋଟ୍ ୩୨ଟି ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଚାରା ଲଗାଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ପ୍ରସିଦ୍ଧ ସ୍ନାୟୁରୋଗ ବିଶେଷଜ୍ଞ ପ୍ରଫେସର ଡଃ ଭବାନୀଶଙ୍କର ଦାସ, ରୋଟାରୀ କ୍ଲବର ସଭାପତି ରାମକୃଷ୍ଣ ଦାଶ, ଉପସଭାପତି ସୁନନ୍ଦ କୁମାର ମିତ୍ର, ପରିବେଶ ନିର୍ଦ୍ଦେଶକ ପ୍ରମୋଦ କୁମାର ପଣ୍ଡା, ସଦସ୍ୟତା ନିର୍ଦ୍ଦେଶକ ତୁଷାରକାନ୍ତ ସାହୁ, ଚାରା ରୋପଣ କମିଟିର ଅଧକ୍ଷ ରାଜେଶ ଅଗ୍ରୱାଲ, ରୋଟାରୀଆନ ମିହିର କୁମାର ସାହୁ, ରୋଟାରୀଆନ ଧନେଶ୍ୱର ସାହୁ ଏବଂ ରୋଟାରୀଆନ ମୋନାଲୀ ଡୋଙ୍ଗ୍ରେ ପ୍ରମୁଖ ଅଂର୍ଭୁକ୍ତ ଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ସଭାକୁ ସମ୍ବୋଧନ କରି ମୁଖ୍ୟ ଅତିଥି ଡଃ ଭବାନୀ ଶଙ୍କର ଦାସ, ବର୍ତ୍ତମାନର କରୋନା କାଳରେ ପରିବେଶର ସୁରକ୍ଷା ଓ ଚାରା ରୋପଣର ଅତ୍ୟାବଶ୍ୟକତା ଉପରେ ଜୋର ଦେଇଥିଲେ। ବୈଠକରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ଭୂସଂରକ୍ଷକ କୃଷ୍ଣଚନ୍ଦ୍ର ଆଇଚ, ଭବିଷ୍ୟତ ପିଢ଼ିର ସ୍ୱାର୍ଥ ରକ୍ଷା ପାଇଁ ବାତାବରଣ ସଂ୍ତୁଳନରେ କ୍ଷତି ନ ପହଁଚାଇବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଉଦୀୟମାନ ଜଙ୍ଗଲରକ୍ଷୀ ରଶ୍ମୀରନ ଦାଶଙ୍କୁ ବନ୍ୟସମ୍ପଦକୁ ସୁରକ୍ଷିତ ଓ ସୁସଂଯତ ରଖିବା ଦିଗରେ ତାଙ୍କର ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତର ଦେଇ ଶ୍ରୀ ଦାଶ ନିଜର ଦାୟିତ୍ୱାଧୀନ ଇଲାକାରେ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ଜଙ୍ଗଲ ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବା ସମୟରେ ସେ ବହୁ ଦୁର୍ବୃର୍ତ୍ତଙ୍କୁ ଧରିଥିବା ବିଷୟ ପ୍ରକାଶ କରିଥିଲେ। ଜଙ୍ଗଲର କ୍ଷୟ ନ କରିବା ପାଇଁ ଲୋକମାନଙ୍କୁ ସତର୍କ କରିବା ସକାଶେ ଗ୍ରାମସ୍ତରରେ ରୋଟାରୀ ତରଫରୁ ସଚେତନତା ଶିବିରମାନ ଆୟୋଜନ କରାଯିବାକୁ ଶ୍ରୀ ଦାଶ ପ୍ରସ୍ତାବ ଦେଇଥିଲେ। କ୍ଲବର ସଭାପତି ରାମକୃଷ୍ଣ ଦାଶଙ୍କର ପୌରହିତ୍ୟରେ ଅନୁଷ୍ଠିତ ଏହି ସଭା ଶେଷରେ ରୋଟାରୀଆନ୍ ପ୍ରମୋଦ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।ଚାରାରୋପଣ କାର୍ଯ୍ୟକ୍ରମକୁ ସଫଳତାର ସହିତ ସମାପନ କରିବାରେ ୱେଭ୍‌ର ମହାପ୍ରବନ୍ଧକ ବସଂ କୁମାର ଖୁଣ୍ଟିଆ, କ୍ଷେତ୍ରର ପ୍ରଭାରୀ ଖଦାଳ ପ୍ରଧାନ, ଉତ୍କର୍ଷ କେନ୍ଦ୍ରର ପରିଚାଳିକା ଅର୍ଚ୍ଚନା ସ୍ୱାଇଁ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟାଗି ଦାସ ପ୍ରମୁଖ ସକ୍ରୀୟ ଭୂମିକା ନିର୍ବାହ କରିଥିଲେ।

## ୧ ଲକ୍ଷ ଦୁଗ୍ଧ ଚାଷୀଙ୍କୁ ମିଳିଲା ୧୧ କୋଟି ଟଙ୍କାର ସ୍ୱତନ୍ତ୍ର କୋଭିଡ ସହାୟତା : ରାଜ୍ୟ ସରକାର ଗରିବ ଲୋକଙ୍କ ସାଥିରେ ଅଛନ୍ତି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟର ଦୁଗ୍ଧ ଚାଷୀ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ ସହାୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ଏକ ଲକ୍ଷ ଦୁଗ୍ଧ ଚାଷୀ ୬୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇଛନ୍ତି। ସମୁଦାୟ ୧୧ କୋଟି ଟଙ୍କାର ସହାୟତା ଦିଆଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଥମେ ଅଲମ୍ପିକ୍ ରେ ଭାରତର ସଫଳତା ପାଇଁ ଭାରତୀୟ ଟିମ୍ କୁ ଅଭିନନ୍ଦନ ଜଣାଇ କହିଲେ ଯେ ଭାରତୀୟ ହକୀ ଦଳର ଅନନ୍ୟ ସଫଳତା ପାଇଁ ଆମେ ସମସ୍ତେ ଗର୍ବିତ ।ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟ ସରକାର ସବୁବେଳେ ଗରିବ ଲୋକଙ୍କ ସାଥିରେ ଅଛନ୍ତି ଓ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାମ କରୁଛନ୍ତି। ଗରିବ ଲୋକଙ୍କ ଉପରେ କୋଭିଡ ମହାମାରୀର ପ୍ରଭାବ କମ୍ କରିବା ପାଇଁ ରାଜ୍ୟ ସରକାର ଛୋଟ ଦୋକାନୀ, ଛୋଟ ଚାଷୀ, ମିଶନ ଶକ୍ତିର ମା – ସମସ୍ତଙ୍କ ଆକାଉଂଟରେ ୨୦୦୦ କୋଟିରୁ ଅଧିକ ଟଙ୍କା ଜମା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଏହା ସେମାନଙ୍କ ରୋଜଗାର ବଢାଇବା ସହିତ ଗ୍ରାମ ଅର୍ଥନୀତିକୁ ମଧ୍ୟ ଚଳଚଂଚଳ କରେ। ମା ମାନଙ୍କ ରୋଜଗାର ବଢାଇବା ସହିତ ସାଧାରଣ ଲୋକଙ୍କ ବିଶେଷକରି ପିଲାମାନଙ୍କ ପୁଷ୍ଟି ସାଧନରେ ଦୁଗ୍ଧର ବହୁତ ବଡ ଭୂମିକା ରହିଛି ବୋଲି ସେ କହିଥିଲେ। ତେଣୁ ଦୁଗ୍ଧ ଉତ୍ପାଦନରେ ଅଭିବୃଦ୍ଧି ଆଣି ରାଜ୍ୟର ପୁଷ୍ଟି ସ୍ତରକୁ ଆହୁରି ଉନ୍ନତି ଆଣିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଦୁଗ୍ଧ ଚାଷୀଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରି ରିହାତି ଯୋଗାଇ ଦେଉଛନ୍ତି। ଚାଷୀମାନେ ଏହି ଯୋଜନାର ଉପଯୋଗ କରି ରାଜ୍ୟର ଦୁଗ୍ଧ ଉତ୍ପାଦନ ଲକ୍ଷ୍ୟ ପୂରଣରେ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ୫-ଟି ଓ ମୋ ସରକାର ରାଜ୍ୟ ପ୍ରଶାସନର ମୂଳମନ୍ତ୍ର ବୋଲି ପ୍ରକାଶ କରି ସେ କହିଲେ ଯେ ଏହାର ପ୍ରୟୋଗ ଦ୍ୱାରା ରାଜ୍ୟ ପ୍ରାଣୀ ସଂପଦ କ୍ଷେତ୍ରରେ ପରିବର୍ତନର ଧାରା ଆସିପାରିଛି । ହକିରେ ଭାରତର ବିଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ମଧ୍ୟ କୃତଜ୍ଞତା ପ୍ରକାଶ କରି ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଯୋଗୁ ଆଜି ଓଡିଶା ବିଭିନ୍ନ କ୍ଷେତ୍ରରେ ଗୌରବାନ୍ୱିତ ହୋଇପାରିଛି ।ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ନବରଂଗପୁର ବିଧାୟକ ସଦାଶିବ ପ୍ରଧାନୀ ଓ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟରେ ଚାଷୀ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ ।କାର୍ଯ୍ୟକ୍ରମରେ ବରଗଡ, ନବରଂଗପୁର ଓ କଟକର ୩ ଜଣ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇ ସ୍ୱତନ୍ତ୍ର ସହାୟତା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ବରଗଡରୁ ଶ୍ରୀମତୀ ସତ୍ୟବତୀ ସାହୁ, ନବରଂଗପୁରରୁ ଶ୍ରୀ ଖୋକନ ବିଶ୍ୱାସ ଓ କଟକରୁ ଶ୍ରୀମତୀ ବିଜୟଲକ୍ଷ୍ମୀ ସ୍ୱାଇଁ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ରାଜ୍ୟ ସରକାର ସେମାନଙ୍କ ଦୁଗ୍ଧ ଚାଷ ପାଇଁ ଅନେକ ପ୍ରକାଶ ସହାୟତା ଦେଉଛନ୍ତି। ଗୋଖାଦ୍ୟ, ଔଷଧ, କ୍ୟାଲସିଅମ, ମିନେରେଲ ମିକ୍ସଚର ଆଦି ଅନେକ ସହାୟତା ମିଳୁଛି । ଦୁଗ୍ଧ ଚାଷ ଦ୍ୱାରା ସେମାନଙ୍କ ଆର୍ଥିକ ଉନ୍ନତି ହେବା ସହିତ ସେମାନେ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ଦେଇପାରିଛନ୍ତି ଏବଂ ଘର ଖଣ୍ଡେ ଖଣ୍ଡେ କରିପାରିଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମତ୍ସ୍ୟ ଓ ପଶୁସଂପଦ ବିଭାଗର ସଚିବ କେ. ରଘୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ ।ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର.କେ. ଶର୍ମା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।ସୂଚନାଯୋଗ୍ୟ ଯେ ଓମ୍‌ଫେଡ ଜରିଆରେ ରାଜ୍ୟର ୩୭୦୦ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଏବଂ ୨.୬୩ ଲକ୍ଷ ଦୁଗ୍ଧ ଚାଷୀ ଏହା ଜରିଆରେ ଦୁଗ୍ଧ ଉତ୍ପାଦନ କରୁଛନ୍ତି। ଏଥିରେ ୧୨୯୨ଟି ମହିଳା ସମବାୟ ସମିତି ରହିଛି ଏବଂ ୧ ଲକ୍ଷ ୫ ହଜାର ମହିଳା ଚାଷୀ ମଧ୍ୟ ଦୁଗ୍ଧ ଉତ୍ପାଦନରେ ଯୋଗଦାନ ରଖିଛନ୍ତି।

## ଷ୍ଟାଫସିଲେକସନ ଦୁର୍ନୀତିର ଚେର ତୃତୀୟ ମହଲା ପର୍ଯ୍ୟନ୍ତ ଲମ୍ବିଛି :କଂଗ୍ରେସ

ଭୁବନେଶ୍ୱର: ସ୍ୱଚ୍ଛ ସରକାରର ଡିଣ୍ଡିମ ପିଟୁଥିବା ନବୀନ ସରକାରର ଅସଲ ମୁଖା ଏବେ ଲୋକଲୋଚନକୁ ଆସିଛି। ଦୁର୍ନୀତିକୁ ରୋକିବା ପାଇଁ ୫ଟି ବିଭାଗ ନବୀନବାବୁ ସୃଷ୍ଟି କଲେ। କିନ୍ତୁ ବାସ୍ତବଚିତ୍ର ଓଡ଼ିଶାରେ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ଏତେ ମାତ୍ରାରେ କାୟା ବିସ୍ତାର କରିଛି ଯେ ତାହା ନକହିଲେ ନସରେ ବୋଲି ପୂର୍ବତନ ବିଧାୟକ ତଥା ବରିଷ୍ଠ ମୁଖପାତ୍ର ଡ. ଦେବାଶିଷ ପଟ୍ଟନାୟକ ଆଜି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି ଯଦି ଶାସନ ବ୍ୟବସ୍ଥାରେ ଟ୍ରାନଫରେନ୍ସିକୁ ଗୁରୁତ୍ୱ ଦିଆଯାଇଥାନ୍ତା ତାହେଲେ ଓଡ଼ିଶା ସରକାରଙ୍କ ଷ୍ଟାଫସିଲେକସନ କମିସନର ସଚିବଙ୍କର ସାମନ୍ୟ ଜଣେ ବ୍ୟକ୍ତିଗତ ସହାୟକଙ୍କ ଘରୁ କୋଟି କୋଟି ଟଙ୍କା ସମେତ ଅଚଳାଚଳ ସ୍ଥାବର ସମ୍ପତି ସୁନା ଅଳଙ୍କାର ବାହାରୁଛି କିଭଳି। ତଦନ୍ତରୁ ଯାହା ଜଣାପଡ଼ିଲା ଷ୍ଟାଫସିଲେକସନ ବ୍ୟକ୍ତିଜଣଙ୍କ ରାଜ୍ୟର ଶିକ୍ଷିତ ଯୁବକଯୁବତୀଙ୍କର ଭାଗ୍ୟ ସହିତ ଦୀର୍ଘ ୨୦ ବର୍ଷଧରି ଖେଳଖେଳୁଥିଲେ। ସରକାର ଚାକିରୀ ବିକ୍ରି କରୁଥିଲେ ଓଡ଼ିଶାର ଶୀକ୍ଷିତ ମେଧାବୀ ଛାତ୍ରଛାତ୍ରୀଙ୍କର ଭବିଷ୍ୟତକୁ ପାଦରେ ଦଳି ଦେଇ ଫୋପାଡ଼ି ଦେଇପାରୁଥିଲେ। ଆଶାୟୀ ପ୍ରାର୍ଥୀଙ୍କ ପାଖରୁ ଲକ୍ଷ ଲକ୍ଷ ଟଙ୍କା ଚାକିରୀ ଦେବାର ଭରସା ଦେଇ ଆଦାୟ କରାଯାଉଥିଲା। ଏହି ଟଙ୍କା କ'ଣ କେବଳ ବିରଂଚି ସାହୁ ନେଉଥିଲେ ନା ଏହାର ସିଂଘ ଭାବ କମିସନର, ସଦସ୍ୟ ଓ ତଥା ସଦସ୍ୟ ସଚ୍ଚିବ ଏବଂ ତୃତୀୟ ମହଲାରେ ନବୀନ ବାବୁଙ୍କ ଚୁର୍ତୁପାଶ୍ୱରେ ଘୁରିବୁଲୁଥିବା ବାବୁମାନେ ନେଉଥିଲେ କି ? ଓଡ଼ିଶାରେ ହଜାର ହଜାର ଯୁବକଯୁବତୀ ମାନଙ୍କୁ ସ୍ୱଳ୍ପ ଦରମାରେ ମେନପାୱାର କନନଂସୋଲେଟାନ୍ସି ମାଧ୍ୟମରେ ନିଯୁକ୍ତି ଚାଲିଛି ଏଥିରେ ମୂଳ ଦରମାର ୩୦% ତୃତୀୟ ମହଲାରେ ବାବୁମାନଙ୍କ ପକେଟକୁ ଯାଉଛି ବୋଲି ବହୁ ଆଭାସ ମିଳିଲାଣି। ଏସବୁ କ'ଣ ଓଡ଼ିଶା ଭିଜିଲାନ୍ସ ତଦନ୍ତ କରିବତ ନା ନବୀନବାବୁଙ୍କ ୫ଟିର ଏହା ପରିସରଭୁକ୍ତ ନୁହେଁ। ଖୋଦ ମୁଖ୍ୟମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ବୋଲି ଡ. ପଟ୍ଟନାୟକ କହିଛନ୍ତି ।କୋର୍ଟର ତତ୍ତ୍ୱାବଧାନରେ ତଦନ୍ତ ଦାବି କରିବା ସହିତ ଷ୍ଟାଫସିଲେକସନ କମିସନର, ମେମ୍ବର ଓ ସଚ୍ଚିବମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯାଉ ଏବଂ ଯେ ପର୍ଯ୍ୟନ୍ତ ତଦନ୍ତ ସରିନାହିଁ ସେପର୍ଯ୍ୟନ୍ତ କମିସନରଙ୍କ ଠାରୁ ଆରମ୍ଭ କରି ସମସ୍ତ ସଦସ୍ୟ ଓ ସଚ୍ଚିବମାନଙ୍କୁ କାର୍ଯ୍ୟରୁ ବାହାର କରାଯାଉ କଂଗ୍ରେସ ଦାବି କରୁଛି ବୋଲି ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ କହିଥିଲେ। ଗତ ୨୦ ବର୍ଷଧରି କେଉଁ ପଦବୀ ପାଇଁ କେବେ ପରୀକ୍ଷା ହେଇଥିଲା, କେତେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ, ଫଳ କେବେ ବାହାରିଥିଲା ଓ କେତେ ନିଯୁକ୍ତି ପାଇଛନ୍ତି ତାହାର ସବିଶେଷ ତଥ୍ୟ ଜନସାଧାରଣଙ୍କ ଆଗରେ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଦାବିକରିଛି କଂଗ୍ରେସ। ଓଡ଼ିଶା ସରକାର ଓପିଏସି ଓ ଷ୍ଟାଫସିଲେକସନ କମିସନଙ୍କୁ ଥଇଥାନ କେନ୍ଦ୍ର ନ କରନ୍ତୁ ବୋଲି ଶ୍ରୀ ଦାଶ କହିଛନ୍ତି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଛାତ୍ରମାନଙ୍କୁ ଚାକିରୀ ଦେବାନାରେ ସେମାନଙ୍କ ଠାରୁ ଅର୍ଥ ଲୁଟକରି ଯେଉଁ ପ୍ରତାରଣା କରିଚାଲିଛନ୍ତି ତାକୁ ଛାତ୍ର ସମାଜ କେବେ ବରଦାସ୍ତ କରିବନାହିଁ। ଏହି ଦୁର୍ନୀତିକୁ ନେଇ ଛାତ୍ର କଂଗ୍ରେସ ଆଗାମୀ ତିନି ଦିନ ମଧ୍ୟରେ ୩୩ ଗୋଟି ସାଙ୍ଗଠନିକ ଜିଲ୍ଲାରେ ଆନ୍ଦୋଳନ କରିବ ଏବଂ ଆଗାମୀ ଦିନରେ ଛାତ୍ର କଂଗ୍ରେସ ନବୀନ ନିବାସ ଘେରାଉ ସହ ବିଧାନସଭା ଆଗରେ ବଡ଼ଧରଣର ଆନ୍ଦୋଳନ କରିବାକୁ ନିଷ୍ପତି ନେଇଛି।

## ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ସୋରଡା ବିଧାୟକଙ୍କ ସଭ୍ୟ ପଦ ରଦ୍ଦ କରାଯାଉ: ବିଜେପି

ଭୁବନେଶ୍ୱର: ଶିକ୍ଷାଗତ ଯୋଗ୍ୟତା ନେଇ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗରେ ସୋରଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ରାଜ୍ୟ ବିଜେପି । ଗତ ୩ଟି ବିଧାନସଭା ନିର୍ବାଚନରେ ସୋରଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ତାଙ୍କର ଶିକ୍ଷାଗତ ଯୋଗ୍ୟତାକୁ ନେଇ ତିନି ପ୍ରକାରର ମିଛ ଆଫିଡିଭିଟ୍ ଦେଇଛନ୍ତି।୨୦୦୯ରେ ଆଫିଡିଭିଟରେ ସେ ଲେଖିଛନ୍ତି ୧୦ମ ଶ୍ରେଣୀ ପାସ୍ କରିଛନ୍ତି, ୨୦୧୪ରେ ସେ କହୁଛନ୍ତି ୯ମ କ୍ଲାସ ପାସ୍ କରିଛନ୍ତି ପୁଣି ୨୦୧୯ରେ ସେ କହୁଛନ୍ତି ଯେ ୯ମ କ୍ଲାସ ପାସ୍ କରିଛନ୍ତି । ମାତ୍ର ଏବେ ଗଣମାଧ୍ୟମରେ ସେ ୨୦୨୧ରେ ୧୦ମ ପରୀକ୍ଷା ଦେଉଥିବା ଦେଖିବାକୁ ମିଳିଛି। ତେଣୁ ତାଙ୍କର ଏ ତିନୋଟି ଯାକ ତଥ୍ୟ ସତ୍ୟପାଠ ନୁହେଁ ବରଂ ସମ୍ପୂର୍ଣ୍ଣ ମିଥ୍ୟାପାଠ।

## ଗରିବ ଲୋକଙ୍କୁ ଘର ପାଇବାରୁ ବଂଚିତ ଲାଗି ବିଜେପି ଷଡଯନ୍ତ୍ର ଚଳାଇଛି: ବିଜେଡି

ଭୁବନେଶ୍ୱର, ୦୫ ଅଗଷ୍ଟ – ଓଡିଶାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ) ଯୋଜନାରେ ଘର ପାଇବାରୁ ବଂଚିତ କରିବାପାଇଁ ବିଜେପିର ଷଡଯନ୍ତ୍ର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦୁଃଖଦ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । ରାଜ୍ୟ ବିଜେପି ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର କହିଛନ୍ତି ଯେ ଇଏ ହେଉଛି ସେହି ସମାନ କେନ୍ଦ୍ର ସରକାର ଯିଏ ଗ୍ରାମାଂଚଳ ଗୃହ ନିର୍ମାଣ କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଓଡିଶାକୁ ପୁରସ୍କୃତ କରିଛି । ଆଗକୁ ପଂଚାୟତ ନିର୍ବାଚନ ଆସୁଥିବାରୁ ଗରିବ ଲୋକଙ୍କ ଅଧିକାରକୁ ନେଇ ବିଜେପି ରାଜନୀତି କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ଘର ପାଇବାରୁ ବଂଚିତ ଲାଗି ଷଡଯନ୍ତ୍ର କରୁଛି, ଯାହା କି ସେମାନଙ୍କର ଅଧିକାର ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ।

## ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ସାନବଜାରରେ ପ୍ରତିଷ୍ଠିତ ଉତ୍କଳମଣିଙ୍କ ପ୍ରତିମୂର୍ତୀ ପ୍ରତି ଅସମ୍ମାନ ପ୍ରତିବାଦରେ ପିସିସି ପକ୍ଷରୁ ରାଜ୍ୟ ସଂସ୍କୃତି ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ



ଭୁବନେଶ୍ୱର: ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ସାନବଜାରରେ ପ୍ରତିଷ୍ଠିତ ଉତ୍କଳମଣିଙ୍କ ପ୍ରତିମୂର୍ତୀ ପ୍ରତି ଅସମ୍ମାନ ପ୍ରତିବାଦରେ ପିସିସି ପକ୍ଷରୁ ଏକ ପ୍ରତିନିଧି ଦଳ ସଂସ୍କୃତି ସଚିବଙ୍କୁ ଭେଟି ଆଲୋଚନା କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ମିଡିଆ ସେଲର ଅଧକ୍ଷ ଗଣେଶ୍ୱର ବେହେରା, ଆବାହକ ସତ୍ୟପ୍ରକାଶ ନାୟକ, ମୁଖପାତ୍ର ମନୋରନ ଦାଶ, ପିସିସି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରା, ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର, ଲିଙ୍ଗରାଜ ସାହୁ ପ୍ରମୁଖ ସଚିବଙ୍କୁ ଭେଟି କହିଛନ୍ତି ଯେ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ସାନବଜାରରେ ପ୍ରତିଷ୍ଠିତ ଥିବା ଉତ୍କଳମଣୀଙ୍କ ପ୍ରତିମୂର୍ତୀକୁ ଲାଗି ଆଉ ଏକ ଯାଗାରେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତୀ ସ୍ଥାପନ କରିବାର ନିଷ୍ପତି କେବଳ ଜଗତ୍‌ସିଂହପୁର ନୁହେଁ ସମଗ୍ର ଓଡ଼ିଶା ବାସୀଙ୍କୁ ଚରମ ଆଘାତ ଦେଇଛି। କଂଗ୍ରେସ ତଥା ସ୍ଥାନୀୟ ବୁଦ୍ଧିଜୀବୀ ପ୍ରତିବାଦ ସତ୍ତ୍ୱେ ଉଦ୍ୟୋକ୍ତା ବନ୍ଧୁମାନେ ଅହଂଚାଳିତ ହୋଇ ସେହି ପ୍ରତିମୂର୍ତୀ ସ୍ଥାନାନ୍ତର କରୁନାହାନ୍ତି। କଟା ଘା'ରେ ଚୂନ ଦେବାଭଳି ପ୍ରତିମୂର୍ତୀ ପରିସରକୁ ସଙ୍କୋଚନ ଓ ବିଭାଜନ ଉଦ୍ୟମ କରି ଚାଲିଛନ୍ତି। ସ୍ଥାନୀୟ ବ୍ଲକ ତଥା ଜିଲ୍ଲା ପ୍ରଶାସନ ନୀରବ ରହି ପରୋକ୍ଷ ଭାବରେ ଶାସକ ଦଳକୁ ଏହି ଅପକର୍ମକୁ ପ୍ରୋତ୍ସାହନ ଦେଉଛନ୍ତି। କଂଗ୍ରେସ ଏହାର ଦୃଢ଼ ନିନ୍ଦା କରୁଛି। ସ୍ଥାନୀୟ କଂଗ୍ରେସ ନେତା ଇଂ ହିମାଂଶୁ ମଲ୍ଲିକଙ୍କ ନେତୃତ୍ୱରେ ତିନିଜଣ ଯୁବ ବନ୍ଧୁ ବିବାଦୀୟ ସିଦ୍ଧାନ୍ତର ପ୍ରତିବାଦରେ ଗତକାଲି ଠାରୁ ଏହି ସ୍ଥାନରେ ଆମରଣ ଅନଶନ ଚଳାଉଛନ୍ତି। ସେଥିମଧ୍ୟରୁ ଜଣେ ବନ୍ଧୁଙ୍କ ଅବସ୍ଥା ଉଦ୍‌ବେଗଜନକ ହୋଇ ପଡ଼ିଥିବାରୁ ଡାକ୍ତରୀ ଚିକତ୍ସା ଆରମ୍ଭ କରାଯାଉଛି। ଉକ୍ତ ତିନିବନ୍ଧୁଙ୍କ ଅନୁରକ୍ତି ଓ ସାହସ ପାଇଁ ଆମେ ସାଧୁବାଦ ଜଣାଉଛୁ। ପ୍ରଦେଶ କଂଗ୍ରେସ କମିଟି ଆପଣଙ୍କ ତତ୍‌କ୍ଷଣାତ ହସ୍ତକ୍ଷେପ ଲୋଡୁଛୁ ଓ ପ୍ରସ୍ତାବିତ ନୂତନ ପ୍ରତିମୂର୍ତି ସ୍ଥାନାନ୍ତର ସହ ଓଡ଼ିଆ ଜାତିର ମଉଡମଣୀଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ ନିମନ୍ତେ ଦାବି ଜଣାଉଛୁ। ଆମ୍ଭର ଦାବି ପ୍ରତି ଉଦାସୀନ ରହିଲେ ପ୍ରଦେଶ କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ରାଜ୍ୟବ୍ୟାପି ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ଚେତାଇ ଦେଉଛୁ ବୋଲି ଦାବି ପତ୍ରରେ ଜଣାଇ ଦିଆଯାଇଛି।

## ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)– କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।

# ମୋ ସହର

## ସାହିତ୍ୟିକ ଇନ୍ଦୁଭୂଷଣ କରଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର: ସାହିତ୍ୟିକ ଇନ୍ଦୁଭୂଷଣ କର ଆଜି ତା ୦୬.୦୮.୨୦୨୧ରିଖ ଦିନ ଇହଲୀଳା ସମ୍ବରଣ କରିଛନ୍ତି। ୧୯୩୫ ମସିହା ମାର୍ଚ୍ଚ ୧୨ ତାରିଖରେ ବାଲେଶ୍ୱର ଜିଲ୍ଲାସ୍ଥ ଭୋଗରାଇ ସନ୍ନିକଟଚଣ୍ଡୀପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ କରଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ୧୯୫୯ମସିହାରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସେ ସ୍ନାତକୋତ୍ତର ଉପାଧି ହାସଲ କରିଓଡ଼ିଶା ପ୍ରଶାସନିକ ସେବାରେ ଜଣେ ଅଧିକାରୀ ଭାବରେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୯୧ ମସିହାରେ 'ନିସଙ୍ଗ ଆକାଶ' କବିତା ଗ୍ରନ୍ଥ ତାଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ। ଓଡ଼ିଶାସାହିତ୍ୟ ଏକାଡେମୀର ସଚିବ ଭାବରେ ସେ ୧୯୯୦-୧୯୯୪ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରି ନିଜରସାରସ୍ୱତ ପରାକାଷ୍ଠା ଓ ପ୍ରଶାସନିକ ଦକ୍ଷତାର ପରିଚୟ ପ୍ରଦାନ କରିଥିଲେ। ତାଙ୍କ ଦ୍ୱାରା ରଚିତପୁସ୍ତକ ମଧ୍ୟରେ ସାହିତ୍ୟ, ସମାଜ ଓ ସଂସ୍କୃତି, ଶବ୍ଦର ଆକାଶ, ଯାଇପାରେ କାହିଁକି ଯିବି ?,ଉଲଙ୍ଗରାଜା ଆଦି ଉଲ୍ଲେଖନୀୟ ସାରସ୍ୱତ ସୃଷ୍ଟି। ଓଡ଼ିଆ ସାହିତ୍ୟ ପାଇଁ ସ୍ୱର୍ଗତ କରଙ୍କ ଅବଦାନଅତୁଳନୀୟ। ତାଙ୍କର ଅବର୍ତ୍ତମାନରେ ସାହିତ୍ୟ ଜଗତରେ ଅପୂରଣୀୟ କ୍ଷତି ଘଟିଛି। ଓଡ଼ିଆ ସାହିତ୍ୟରଏହି ପ୍ରଥିତଯଶା ସାରସ୍ୱତ ସାଧକଙ୍କ ମହାପ୍ରୟାଣ ଅବସରରେ ତାଙ୍କର ଅମର ଆତ୍ମାର ସଦ୍‌ଗତିକାମନା ନିମନ୍ତେ ଏକାଡେମୀ ପକ୍ଷରୁ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଉପସଭାପତି ଡକ୍ଟରସଂଗ୍ରାମ ଜେନା ଓ ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ଏବଂ ଅନ୍ୟାନ୍ୟ ସହକର୍ମୀ ବୃନ୍ଦ ଆଦିଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ପୌର ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଉନ୍ନୟନ ମୂଳକ କାର୍ଯ୍ୟରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ଜିଲ୍ଲାପାଳ ଭାବେ ଆଶିଷ ଠାକରେଙ୍କ ଯୋଗଦାନ ପରେ ତାଙ୍କର ତତ୍ତ୍ୱାବଧାନରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦିକ ହେବା ସଙ୍ଗେ ସଙ୍ଗେ ପ୍ରଶାସନିକ ସ୍ତରରେ ଡିଏମ୍‌ଏଫ୍ ଫଣ୍ଡରୁ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି । କରୋନା ମହାମାରୀକୁ ଆୟତ କରିବା ପାଇଁ ପ୍ରଶାସନିକ ସ୍ତରରେ ସେ ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇଛନ୍ତି ।

## ପଲାସା-କୋଟାଭାଲାସା ଆଧୁନିକୀକରଣ କାର୍ଯ୍ୟ ପାଇଁ ୧୧ଟି ଟ୍ରେନ ବାତିଲ

ଭୁବନେଶ୍ୱର:ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ଲାଇନରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ପଲାସା-କୋଟାଭାଲାସା ରେଳ ସେକ୍ସନର ବିଜୟନଗରମ ଓ କୋରୁକୋଣ୍ଡା ଷ୍ଟେସନ ମଧ୍ୟରେ ଏବଂ ପୁଣ୍ଡୁରୀ ଓ ଦୁସି ଷ୍ଟେସନ ମଧ୍ୟରେ ରେଳ ଧାରଣା ତଳେ ଉପାମାର୍ଗ ନିର୍ମାଣ ସମ୍ବନ୍ଧୀୟ ସୁରକ୍ଷା ଜନୀତ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୧୧ ଟି ଟ୍ରେନ୍ ବାତିଲ କରିବାକୁ ନିଷ୍ପତି ନିଆଯାଇ ଥିବା ବେଳେ ୧୧ଟି ଟ୍ରେନ ପରିବର୍ତ୍ତିତ ସମୟରେ ଚଳାଚଳ କରାଇବାକୁ ସ୍ଥିର କରାଯାଇଛି। ୦୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ସ୍ପେଶାଲ୍ ସିକନ୍ଦରାବାଦରୁ ୮ ଅଗଷ୍ଟଦିନ ବାତିଲ ରହିବ । ସେହିପରି ୦୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ସ୍ପେଶାଲ ଭୁବନେଶ୍ୱରରୁ ୧୦ ଅଗଷ୍ଟ ରେ , ୦୨୮୨୨ ଚେନ୍ନାଇ-ହାଓଡ଼ା ସ୍ପେଶାଲ ଚେନ୍ନାଇରୁ ୮ ଅଗଷ୍ଟରେ , ୦୮୦୪୮ ଭାସ୍କୋ ଡା ଗାମା-ହାଓଡ଼ା ଅମରାବତୀ ସ୍ପେଶାଲ ଭାସ୍କୋ ଡା ଗାମା ରୁ ୮ ଅଗଷ୍ଟରେ , ୦୭୨୪୩/୦୭୨୪୪ ଗୁଂଟୁର-ରାୟଗଡା-ଗୁଂଟୁର ସ୍ପେଶାଲ ଗୁଂଟୁର ରୁ ୮ ଅଗଷ୍ଟରେ ଓ ରାୟଗଡା ରୁ ୯ ଅଗଷ୍ଟରେ , ୦୨୮୭୩ ହାଓଡ଼ା-ଯଶୋବନ୍ତପୁର ସ୍ପେଶାଲ ହାଓଡ଼ା ରୁ ୮ ଅଗଷ୍ଟରେ , ୦୮୫୨୨/୦୮୫୨୧ ବିଶାଖାପାଟଣା-ଗୁଣୁପୁର-ବିଶାଖାପାଟଣା ସ୍ପେଶାଲ ଉଭୟ ପାର୍ଶ୍ୱରୁ ୯ ଅଗଷ୍ଟରେ ଏବଂ ୦୮୫୭୦/୦୮୫୬୯ ବିଶାଖାପାଟଣା-ଭୁବନେଶ୍ୱର-ବିଶାଖାପାଟଣା ସ୍ପେଶାଲ ଉଭୟ ପାର୍ଶ୍ୱରୁ ୯ ଅଗଷ୍ଟ ଦିନ ବାତିଲ ରହିବ ।ଅପରପକ୍ଷରେ ୦୮୪୯୫ ରାମେଶ୍ୱରମ-ଭୁବନେଶ୍ୱର ସ୍ପେଶାଲ , ୦୮୪୬୪ ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ସ୍ପେଶାଲ ,୦୨୮୬୭ ହାଓଡ଼ା-ପଣ୍ଡିଚେରୀ ସ୍ପେଶାଲ୍ , ୦୨୮୨୧ ହାଓଡ଼ା-ଚେନ୍ନାଇ ସ୍ପେଶାଲ୍ , ୦୮୧୯୦ ଏର୍ଣ୍ଣାକୁଲମ-ଟାଟା ସ୍ପେଶାଲ୍ , ୦୩୩୫୨ ଆଲେପି-ଧାନବାଦ୍ ସ୍ପେଶାଲ୍ , ୦୮୫୭୪ ଭଗତ କୀ କୋଠି-ବିଶାଖାପାଟଣା ସ୍ପେଶାଲ , ୦୮୪୬୩ ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ସ୍ପେଶାଲ୍ , ୦୫୯୦୬ ଡିବ୍ରୁଗଡ଼-କନ୍ୟାକୁମାରୀ ସ୍ପେଶାଲ୍ , ୦୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ସ୍ପେଶାଲ ଓ ୦୨୬୪୨ ଶାଲୀମାର-ତ୍ରିଭେନ୍ଦ୍ରମ ସ୍ପେଶାଲ ଶାଲୀମାର ପରବର୍ତ୍ତିତ ସମୟରେ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଦୁଇ ଓଡ଼ିଆ ହକି ଖେଳାଳିଙ୍କ ପରିବାର ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଟୋକିଓ ଅଲିମ୍ପିକ୍ ରେ ଦେଶ ପାଇଁ ପଦକ ଆଣିଥିବା ଭାରତୀୟ ହକି ଟିମ୍ ରେ ରହିଛନ୍ତି ୨ ଜଣ ଓଡିଆ ଖେଳାଳି। ହକି ଟିମ୍ ର ଏହି ବିଜୟ ପରେ ୨ ଓଡ଼ିଆ ଖେଳାଳିଙ୍କ ପରିବାର ସହ କଥା ହୋଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡିଓ କନଫରେନ୍ସିଂରେ ଅମିତ ରୋହିଦାସଙ୍କ ଭାଇ ଓ ମା'ଙ୍କ ସହ କଥାହୋଇ ମୁଖ୍ୟମନ୍ତ୍ରୀ ବଧେଇ ଜଣାଇଛନ୍ତି। ଅମିତଙ୍କ ପରିବାର ଖୁବ୍ ଖୁସି ଥିବା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିବା ବେଳେ ଅମିତ ଖୁବ ଭଲ ପ୍ରଦର୍ଶନ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।ସେହିପରି ଲାଠିକଟା ବ୍ଲକ କାର୍ଯ୍ୟାଳୟରୁ ବିରେନ୍ଦ୍ର ଲାକ୍ରାଙ୍କ ପରିବାର ସହ ମୁଖ୍ୟମନ୍ତ୍ରୀ ଭିସି ଜରିଆରେ କଥାବାର୍ତ୍ତା ହୋଇଥିଲେ। ବୀରେନ୍ଦ୍ରଙ୍କ ମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ।

## ନଦୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ



ଫୁଲନଖରା: ଜଣେ ଦଶମ ଶ୍ରେଣୀର ଦିବ୍ୟାଙ୍ଗ ଛାତ୍ର ନଦୀ ପାଣିରେ ବୁଡ଼ି ଯାଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣାରେ ସମ୍ପୃକ୍ତ ପରିବାର ଦୁଃଖରେ ଭାଙ୍ଗି ପଡ଼ିଥିଲାବେଳେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ ପାଇଁ ଦାବି ହେଉଛି । ଘଟଣାରୁ ପ୍ରକାଶ ଯେ ସଦର ବ୍ଲକ ଉରାଳୀ ପଞ୍ଚାୟତ ଅ'ର୍ଗତ କୋଠସାହିରେ ଭଡ଼ା ଘରେ ରହୁଥିବା ନିକଟସ୍ଥ ବକୁଦ ଗ୍ରାମର ଦିପ୍ତୀରନ ବାରିକ (ଟିକନ)ଙ୍କ ଦିବ୍ୟାଙ୍ଗ ପୁଅ ଗୋବିନ୍ଦଚନ୍ଦ୍ର ବାରିକ (୧୫) ଓରଫ ଓମ ଗୁରୁବାର ଅପରାହ୍ନରେ ନିଜ ସାଙ୍ଗ ସହିତ ଜରିପଡ଼ା ନିକଟ ସିଦ୍ଧୁଆ ନଦୀକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ଗୋଡ଼ ଖସିଯିବାରୁ ଗଭୀର ପାଣି ମଧ୍ୟକୁ ଗୋବିନ୍ଦ ଭାସିଯାଇଥିଲେ। ଏ ନେଇ ବହୁ ସମୟ ଧରି ଖୋଜାଖୋଜି ହୋଇଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିନଥିଲା। ଶୁକ୍ରବାର ସକାଳେ ବାରଙ୍ଗ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳର ୧୦୦ଫୁଟ ଦୂରରୁ ଗୋବିନ୍ଦଙ୍କ ମୃତ ଦେହକୁ ଉଦ୍ଧାର କରିଛି। ଖବର ପାଇ ସଦର ଥାନା ପୋଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଏତଦ ସହିତ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦ' ହେଉଛି। ଏହି ଘଟଣା ତେଲେଙ୍ଗାପେଣ୍ଠ ଅଞ୍ଚଳରେ ଏକ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଓମ ଚଳିତ ମାଟ୍ରିକ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ।

## କୃଷକ ପ୍ରଶିକ୍ଷଣ ଶିବିର

ଫୁଲନଖରା:ପାହାଳ ଫାଣ୍ଡି ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଭୀମପୁର ପ୍ରାଥମିକ ବିଦ୍ୟାଳୟରେ ଏକଦିବସୀୟ କୃଷକ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଥିଲା। ଏଥିରେ ବାଲିଅ'। ବ୍ଲକ କୃଷି ଅଧିକାରୀ ମନୋରନ ରାଉଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ଓ ଜିଆ ଖତ ବହୁଳ ଭାବରେ ବ୍ୟବହାର କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ଓ ବୈଷୟିକ ଅଧିକାରୀ ପ୍ରଶା'କୁମାର ମିଶ୍ର, ସହକାରୀ କୃଷି ଓ ବୈଷୟିକ ଅଧିକାରୀ ଯୋଗେଶଚନ୍ଦ୍ର ଦାସ, ଗ୍ରାମ୍ୟ କୃଷି ଅଧିକାରୀ ସୂର୍ଯ୍ୟକା' ବରାଳ ପ୍ରମୁଖ ଯୋଗଦେଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ମାଧ୍ୟମରେ ମାଟି ପରୀକ୍ଷା କରି ଚାଷ କରିବାକୁ ଚାଷୀମାନଙ୍କୁ ପ୍ରବର୍ତ୍ତାଇଥିଲେ। କୃଷକ ସାଥି ରବିନ୍ଦ୍ରକୁମାର ସେଠୀ ଶିବିର ପରିଚାଳନା କରିଥିଲାବେଳେ ବିନୋଦ ସାସମଲ, ନିତ୍ୟାନନ୍ଦ ସାମଲ, ବ୍ରହ୍ମାନନ୍ଦ ଦାଶ, ହୃଦାନନ୍ଦ ଦାଶ, ରାଜକିଶୋର ସାମଲ, ବଂଶୀଧର ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

## ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

## ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/୨୦୨୦ ଦଫା ୧୪୭/୧୪୮/୪୫୨/୩୨୩/୩୨୫/୪୩୬/୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗସ୍ତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତତ୍କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଚ୍ଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅଞ୍ଚଳ ରେ ଭୟର ବାତାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ତ ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି। ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର -୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି,ସୁବାଷ ଚନ୍ଦ୍ର ପାତ୍ର,ସନ୍ତୋଷ ତ୍ରିପାଠୀ,ହିମାଂଶୁ ଦାସ,ଚନ୍ଦନ ମହାନ୍ତି,ମନୋଜ କୁମାର ଆଚାର୍ଯ୍ୟ,ଅମିତ କୁମାର ଦାସ,ତପନ ଶତପଥୀ,ମନୋରଞ୍ଜନ ଆଚାର୍ଯ୍ୟ,ସନାତନ ବାରିକ,ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏଥିସହିତ ଅଭିଯୋଗକାରୀମାନେ ଦେବୋତ୍ତର କମିଶନର,କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ,ଗରଦପୁର ତହସିଲଦାର ଓ ପାଟକୁରା ଥାନା ଅଧିକାରୀଙ୍କୁ ମଧ୍ୟ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି

## କୋଭିଡ ଲକଡାଉନ ସମୟରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବୁଲା କୁକୁର ଓ ପଶୁଙ୍କୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଖାଦ୍ୟ ପ୍ରଦାନ

କେନ୍ଦ୍ରାପଡା, (ପିଏନ)- କୋଭିଡ ଲକଡାଉନ ସମୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ ଅନୁଯାଇ ଗତ ଅପ୍ରେଲମାସ ୫ତାରିଖ ଠାରୁ ମଇମାସ ୧୭ତାରିଖ ପର୍ଯ୍ୟନ୍ତ ପୌରାଚଂଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି । ଏସମ୍ପର୍କରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚମାସ ୩୦ତାରିଖରେ ପତ୍ର ସଂଖ୍ୟା -୮୧୨୧ ପ୍ରାପ୍ତ ହେବା ପରେ ନିର୍ବାହୀ ଅଧିକାରୀ ଏକ ବୈଠକ ଗତ ଅପ୍ରେଲମାସ ୩ତାରିଖରେ ଆହ୍ୱାନ କରିଥିଲେ । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଟ୍ଟନାୟକ, ପଶୁ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଡା.ପ୍ରଶନ୍ନ କୁମାର ପରିଡା, ସିଡିଭିଓ କାର୍ଯ୍ୟାଳୟର ଜେ.ଏଫ.ଡି.ଓ. ଶରତ କୁମାର, ପୌରସଂସ୍ଥାର ସି.ଓ. ତପସ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକର ନିଷ୍ପତି ଅନୁଯାଇ ଗତ ଅପ୍ରେଲମାସ ୫ତାରିଖରୁ ମଇମାସ ୧୭ତାରିଖ ମଧ୍ୟରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ କେନ୍ଦ୍ରାପଡା ସହରର ଜୟ ଶ୍ରୀରାମ ରାମଲିଳା କମିଟିକୁ ତିନିମୁହାଣି ଛକରେ ଖାଦ୍ୟ ପ୍ରଦାନ ପାଇଁ ୨୧ହଜାର ଟଙ୍କା, ପିପୁଲସ ଫର ଆନିମଲସ ଅନୁଷ୍ଠାନକୁ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ୧ଲକ୍ଷ ୫୪ହଜାର ୫୬୦ଟଙ୍କା ଓ କେନ୍ଦ୍ରାପଡା ସିଡିଭିଓଙ୍କୁ ୯ହଜାର ୪୪୦ଟଙ୍କାର ଗୋଖାଦ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ପୌରସଂସ୍ଥାକୁ ୨ଟି କିସ୍ତିରେ ଏହି କାର୍ଯ୍ୟ ନିମନ୍ତେ ମୋଟ ୧ଲକ୍ଷ ୮୫ହଜାର ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ଉପରୋକ୍ତ ୨ଟି ଅନୁଷ୍ଠାନ ଓ ସିଡିଭିଓଙ୍କୁ ସେହି ଅନୁଦାନ ଅର୍ଥ ଓ ଗୋଖାଦ୍ୟ ପ୍ରଦାନ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।






# ଉଡ଼ାନ୍ ପକ୍ଷରୁ 'ମେଗା ଭାରତ ସେଲ୍' ର ଘୋଷଣା : 'ମେଗା ଭାରତ ସେଲ୍' ଉଡ଼ାନ ପ୍ଲାଟଫର୍ମରେ ଅଗଷ୍ଟ ୯ ରୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ଜାରି ରହିବ

ଭୁବନେଶ୍ୱର : ଭାରତର ସର୍ବବୃହତ ବିଜ୍‌ନେସ୍-ଟୁ-ବିଜ୍‌ନେସ୍ (ବି-୨-ବି) ଇ-କମର୍ସ ପ୍ଲାଟଫର୍ମ ଉଡ଼ାନର ଖାଦ୍ୟ ବ୍ୟବସାୟ ପକ୍ଷରୁ 'ମେଗା ଭାରତ ସେଲ୍' ଘୋଷଣା କରାଯାଇଛି। ଭାରତର ସବୁଠାରୁ ବଡ ଇ-ବି-୨-ବି ବିକ୍ରୟ କାର୍ଯ୍ୟକ୍ରମ ଦ୍ୱାରା ଦେଶର ତେଜରାତି ଦୋକାନ ଏବଂ ଛୋଟ ଖୁଚୁରା ବ୍ୟବସାୟୀ ଉପକୃତ ହୋଇପାରିବେ। ଛୋଟ ଖୁଚୁରା ବ୍ୟବସାୟୀ ଏବଂ ତେଜରାତି ଦୋକାନ ମାଲିକମାନେ ୧୦୦୦ ରୁ ଅଧିକ ଏସ୍‌କେୟୁ (ଷ୍ଟକ-କିପିଂ ୟୁନିଟ) ସହାୟତାରେ ଫାଷ୍ଟ ମୁଭିଂ କ୍ୟୁମର ଗୁଡସ୍ ବ୍ରାଣ୍ଡ ମାଧ୍ୟମରେ ଗୁଣବତ୍ତାଯୁକ୍ତ ଖାଦ୍ୟ ଉତ୍ପାଦ ଦ୍ୱାରା ସଂଚୟ କରିପାରିବେ। ଏହି ବ୍ରାଣ୍ଡ ସେଲ୍ ଅଗଷ୍ଟ ୯ ରୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ଜାରି ରହିବ। ଏହି ବିକ୍ରି ସମୟରେ ଉଡ଼ାନ୍‌ର ଜୟଭୂମି, କ୍ୟାପଟେନ ହାର୍ଭେଷ୍ଟ ଏବଂ ଅନ୍ନଭୂମି ଆଦି ସ୍ୱତନ୍ତ୍ର ବ୍ରାଣ୍ଡ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯିବ। ଖାଦ୍ୟ ସାମଗ୍ରୀ, ପାନୀୟ, ଶସ୍ୟ, ଡାଲି, ମସଲା, ଖାଇବା ତେଲ, ଘରୋଇ ଏବଂ ପର୍ସନାଲ କେୟାର, ସତେଜ ଏବଂ ଦୁଗ୍ଧ ଜାତୀୟ ପ୍ରଭୃତି ୨୦,୦୦୦ ରୁ ଅଧିକ ଉତ୍ପାଦ ଉପରେ ଅଫର ପ୍ରଦାନ କରାଯିବ। 'ମେଗା ଭାରତ ସେଲ୍' ଅନ୍ତର୍ଗତ ଖୁଚୁରା ବ୍ୟବସାୟୀମାନେ ବିଭିନ୍ନ ଖାଦ୍ୟ ଏବଂ ଏଫ୍‌ଏମ୍‌ସିଜି ଉତ୍ପାଦଗୁଡ଼ିକ ଉପରେ ଆକର୍ଷଣୀୟ ପୁରସ୍କାର ଏବଂ ସୁବିଧା ଉପଲବ୍ଧ କରିବା ସହିତ ବିଗ୍ ଡିସକାଂଟ୍. ଫ୍ଲାଶ୍ ସେଲ୍ ଏବଂ ଆସ୍ୟୁରଡ୍ ଇନଷ୍ଟାଂଟ୍ କ୍ୟାସ୍




ଡିସ୍‌କାଉଂଟ୍ ହାସଲ କରିବେ। ଏହି ଜାତୀୟସ୍ତରୀୟ ମେଗା ସେଲ୍‌ରେ ଦ୍ୱିତୀୟ ତଥା ତୃତୀୟ ଶ୍ରେଣୀ ସହର ଏବଂ ଟାଉନ୍‌ର ୫ ଲକ୍ଷରୁ ଅଧିକ ଛୋଟ ଖୁଚୁରା ବ୍ୟବସାୟୀ ଲାଭବାନ ହେବେ।ରିହାତି ଏବଂ ସଂଚୟ ବ୍ୟତୀତ ଖୁଚୁରା ବ୍ୟବସାୟୀମାନେ ବିଭିନ୍ନ ପ୍ରକାରର ଗୁଣାତ୍ମକ ଖାଦ୍ୟ ପଦାର୍ଥ ଉପରେ 'ବାଏ ୧ ଗେଟ୍ ୧' ଅଫର ପାଇ ପାରିବେ। ଅତିରିକ୍ତ ସୁବିଧା ଅନ୍ତର୍ଗତ ଭାବେ, ଖୁଚୁରା ବ୍ୟବସାୟୀମାନେ ଷ୍ଟକ କରିବା ପାଇଁ ଗୋଟିଏ ଦିନରେ ଏକାଧିକ ଅର୍ଡର ରଖିବା ପାଇଁ ଚିନ୍ତାମୁକ୍ତ ଅର୍ଡରିଂ ଅଭିଜ୍ଞତାର ବିକଳ୍ପ ପାଇ ପାରିବେ।ଏହି ଅବସରରେ ଉଡ଼ାନ୍‌ର ଫୁଡ ଆଣ୍ଡ ଏଫ୍‌ଏମ୍‌ସିଜି ବ୍ୟବସାୟର ମୁଖ୍ୟ ବିବେକ ଗୁପ୍ତା କହିଲେ, ତେଜରାତି ଷ୍ଟୋର ଏବଂ ଦେଶର ଛୋଟ ଖୁଚୁରା ବ୍ୟବସାୟୀଙ୍କ ସୁବିଧା ପାଇଁ ଉଡ଼ାନ ପ୍ଲାଟଫର୍ମରେ 'ମେଗା ଭାରତ ସେଲ୍' ଘୋଷଣା କରି ଆମେ ଆନନ୍ଦିତ। ଆମର ଏହି ପଦକ୍ଷେପ ଦ୍ୱାରା ଭାରତର କ୍ଷୁଦ୍ର ବ୍ୟବସାୟ ସଶକ୍ତ ହୋଇପାରିବ। ଏସବୁ ବ୍ୟବସାୟୀମାନେ ମହାମାରୀ ସମୟରେ ଗ୍ରାହକ ସେବା ଜାରି ରଖିଛନ୍ତି। ଆମେ ନିଶ୍ଚିତ ଯେ ଆମର ଖୁଚୁରା ବ୍ୟବସାୟୀ ତଥା ଉତ୍ପାଦକ ସହଭାଗୀମାନଙ୍କୁ ସମର୍ଥନ କରିବା ପାଇଁ ଏହି ଅନନ୍ୟ ତଥା କଷ୍ଟୋମାଇଜଡ ପ୍ରୋଗ୍ରାମ, ମହାମାରୀ ସମୟରେ ପ୍ରଭାବିତ ହୋଇଥିବା ବ୍ୟବସାୟୀଙ୍କୁ ବଡ଼ ସଂଚୟ କରିବାରେ ସାହାଯ୍ୟ କରିବ। ଏହା ସହିତ ସେମାନଙ୍କର ବ୍ୟବସାୟ ଏବଂ ଲାଭ ବୃଦ୍ଧି ସମ୍ଭବ ହୋଇପାରିବ।ବ୍ୟବସାୟର ବିଭିନ୍ନ କ୍ଷେତ୍ର, ପ୍ରଯୁକ୍ତି ବିଦ୍ୟା, ଯୋଗାଣ ଶୃଙ୍ଖଳା, ବିଭିନ୍ନ ବର୍ଗ, କ୍ରେଡ଼ିଟ ପ୍ରଭୃତିରେ ଗତ ୧୨ ରୁ ୧୮ ମାସ ମଧ୍ୟରେ ୪୦୦୦ କୋଟିରୁ ଅଧିକ ଟଙ୍କା ନିବେଶ କରିଛି। ଗ୍ରାହକ ଆନାଲିଟିକ୍ସ ବ୍ୟବହାର ଦ୍ୱାରା ଗ୍ରାହକଙ୍କ ଅଭିଜ୍ଞତାକୁ ବୁଦ୍ଧିମନ୍ତ କରାଯାଇ ପାରୁଛି।ବି-୨-ବି ସ୍ପେସରେ ସମସ୍ତ ବ୍ୟବସାୟ ଆବଶ୍ୟକତା ପାଇଁ ଉଡ଼ାନ୍ ୱାନ୍ ଷ୍ଟପ୍ ସଲ୍ୟୁଶନ। ଏହା ସମଗ୍ର ଭାରତରେ ଲକ୍ଷ ଲକ୍ଷ ଏମ୍‌ଏସ୍‌ଏମ୍‌ଇକୁ ସଂଯୋଗ କରେ ଏବଂ ଟେକ୍ନୋଲୋଜି ଗ୍ରହଣ ମାଧ୍ୟମରେ ସେମାନଙ୍କ ବ୍ୟବସାୟ ବୃଦ୍ଧି କରାଇବାରେ ସହାୟତା କରିଥାଏ। ଉଡ଼ାନ୍ ତେଜରାତି ଦୋକାନୀ, ଅନ୍ୟ ଦୋକାନୀ, ରେଷ୍ଟୁରାଂଟ୍, ରାସ୍ତାଘାଟ ବିକ୍ରେତା, ଔଷଧ ଷ୍ଟୋର୍, କାର୍ଯ୍ୟାଳୟ, ଛୋଟ କାରଖାନା, କଂଟ୍ରାକ୍ଟର ଇତ୍ୟାଦିଙ୍କୁ ଇ-କମର୍ସର ସୁବିଧା ଯୋଗାଇବା ସହିତ ସମଗ୍ର ଦେଶରେ ବିକ୍ରେତା, ବ୍ରାଣ୍ଡ ଏବଂ ଉତ୍ପାଦକଙ୍କଠାରୁ ଆକର୍ଷଣିୟ ମୂଲ୍ୟରେ ଉଚ୍ଚମାନର ଉତ୍ପାଦର କାରବାର କରିବାକୁ ସକ୍ଷମ ହୋଇଥାଏ। ଉତ୍ପାଦ ତାଲିକା ବିଜ୍ଞାପନ ଏବଂ ଇନ-ଆପ ବିଜ୍ଞାପନ ନିର୍ମାତାମାନଙ୍କୁ ପ୍ଲାଟଫର୍ମରେ ସେମାନଙ୍କର ଲକ୍ଷ୍ୟ ଧାର୍ଯ୍ୟ, ନିର୍ଦ୍ଦିଷ୍ଟ ଏବଂ ପ୍ରସ୍ତୁତ-କ୍ରୟ ଖୁଚୁରା ବ୍ୟବସାୟୀମାନଙ୍କ ନିକଟରେ ପହଂଚାଇବାରେ ପ୍ରୋତ୍ସାହନ ଯୋଗାଇ ଦେଇଥାଏ। ଏହା ଭାରତରେ ବ୍ରାଣ୍ଡ, ଖୁଚୁରା ବ୍ୟବସାୟୀ ଏବଂ ଉତ୍ପାଦକଙ୍କ ଆବଶ୍ୟକତାକୁ ପୂରଣ କରି ସେମାନଙ୍କୁ ସେମାନଙ୍କ ବ୍ୟବସାୟ ପରିଚାଳନା ପାଇଁ ଅନ୍ତର୍ଭୂକ୍ତି ବୈଷୟିକ ଉପକରଣ ନିର୍ମାଣ କରିଥାଏ।

## କବାଡିଆଙ୍କ କବଜାରେ ୩ଟି ଅଙ୍ଗନୱାଡିକେନ୍ଦ୍ର, ପ୍ରଶାସନର ଦୃଷ୍ଟିପଡୁ

ଖଣ୍ଡପଡା: ଖଣ୍ଡପଡା ବ୍ଲକ ପ୍ରଶାସନର ଅଣଦେଖା ଯୋଗୁଁ ବ୍ଲକ ଅଧିନ ସିଧାମୂଳା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ନଂ ୧, ୨, ୩ ଏବେ କବାଡିଆଙ୍କ କବଜାରେ କବଳିତ ହୋଇ ରହିଥିବା ଜଣାପଡିଛି । ଅନାବନା ଅଦରକାରୀ ସାମଗ୍ରୀ ସବୁ କିଛି କବାଡିଆମାନେ ଅଙ୍ଗନୱାଡି କେନ୍ଦ୍ରରେ ମହଜୁଦ ରଖିଥିବା ପରିଲକ୍ଷିତ ହେଉଛି। ସୁଚନାଯୋଗ୍ୟ କୋଭିଡ କଟକଣା ଯୋଗୁଁ ଗତ ୧୮ ମାସ ଧରି ଅଙ୍ଗନୱାଡି କେନ୍ଦ୍ରଗୁଡିକ ସଂପୂର୍ଣ୍ଣ ବନ୍ଦ ରହିଛି। ପିଲାମାନେ ଓ ଅଙ୍ଗନୱାଡି କର୍ମୀ କେହି ହେଲେ କେନ୍ଦ୍ରକୁ ଯାଉ ନଥିବାର ଏହାର ସୁଯୋଗ ନେଇ କବାଡିଆମାନେ ସେଗୁଡିକୁ ମାଡି ବସିଥିବା ଜଣାପଡିଛି । ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ସିଧାମୂଳା ଗ୍ରାମରେ ୩ଟି ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ଗତ ୨ବର୍ଷ ତଳେ ନିର୍ମାଣ କରାଯାଇଥିଲା । ଅଙ୍ଗନୱାଡି କେନ୍ଦ୍ରର କାନ୍ଥ ଓ ବାଡ ସବୁ କିଛି ରଙ୍ଗ କରାଯିବା ସହ କାନ୍ଥରେ ବିଭିନ୍ନ ଚିତ୍ର ଶୋଭା ପାଉଥିଲା। ତେବେ କବାଡିଆଙ୍କ ଯୋଗୁଁ ସବୁକିଛି ନଷ୍ଟ ହେବାରେ ଲାଗିଛି। ଏଥିପ୍ରତି ଖଣ୍ଡପଡା ବ୍ଲକ ପ୍ରଶାସନ ଓ ଖଣ୍ଡପଡା ବ୍ଲକ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ଦୃଷ୍ଟି ଦେବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି।

# ୨୨୦/୩୩ କେଭି ଗ୍ରିଡ ସବଷ୍ଟେସନର ଶୁଭ କାର୍ଯ୍ୟାରମ୍ଭ : ୫୦ କୋଟି ବ୍ୟୟ ବରାଦ

ବଡଚଣା : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ବାଲିଚନ୍ଦ୍ରପୁର ପଂଚାୟତରେ ଓଡିଶା ସରକାରଙ୍କ ଶକ୍ତି ବିଭାଗ ଓଡିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ(ଓପିଟିସିଏଲ) ପକ୍ଷରୁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରକମଳରେ ୨୨୦/୩୩ କେଭି ଗ୍ରିଡ ସବଷ୍ଟେସନର ଶିଳାନ୍ୟାସ ଗତ ୨୦୧୯ ମସିହା ମାର୍ଚ୍ଚ ୨ ତାରିଖରେ ବାଲିଚନ୍ଦ୍ରପୁର ପଂଚାୟତର ପଲାଇ ଠାରେ କରାଯାଇଥିଲା । ଆଜି ଉକ୍ତ ବିଦ୍ୟୁତ୍ ଗ୍ରିଡ ସବଷ୍ଟେସନର ଶୁଭାରମ୍ଭ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥିଙ୍କ କରକମଳରେ କରାଯାଇଅଛି । ଉକ୍ତ କାର୍ଯ୍ୟାକ୍ରମରେ ବିଦ୍ୟୁତ୍ ବିଭାଗର ଏଜିଏମ ତୁଷାରକାନ୍ତ ବେହେରା,ଡିବିଏମ ଅଶୋକ କୁମାର ମହାନ୍ତି,ଜିଏମ ପ୍ରଦୀପ କୁମାର ଦାସ,ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲିକ,ବିଜେଡି ସଭାପତି ଅରବିନ୍ଦ ସାମଲ,ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ,ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତି,ଶାରଦା ପ୍ରସାଦ ମହାନ୍ତି,ପଂଚାନନ ଧଳ,ଜିଲ୍ଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା,ବାଲିଚନ୍ଦ୍ରପୁର ସରପଂଚ ଫନିନ୍ଦ୍ର ନାଥ ପଣ୍ଡା,ସମିତିସଭ୍ୟ ଅମୀୟ ବିଶ୍ୱାଳ,ଜିଲ୍ଲା ବିଜେଡି ଉପସଭାପତି ଅମର ମହାନ୍ତି,ବିଜେଡି କୋଷାଧ୍ୟକ୍ଷ ମିହିର ସ୍ୱାଇଁ,ସରପଂଚ ମନୋରଂଜନ ମଲିକ,ଆଇନଜୀବୀ ମନ୍ମଥ ରାୟ ସାହେବ ,ବ୍ରଜକିଶୋର ପରିଡା,ଅନନ୍ତ ନାରାୟଣ ଧଳ,ସଭାପତି ଦେବଦତ୍ତ ସାମଲ,ଶ୍ରୀକାନ୍ତ ସାମଲ,ଉପେନ୍ଦ୍ର ସାମଲ,ଅନିଲ ସାମଲ,ଶରତ ସାମଲ ,ଗୌତମ ଦାସ,ବିମଳ ମହାରଣା ପ୍ରମୁଖଙ୍କ ସମେତ ବହୁ ବିଜେଡି ଛାମୁଆ କର୍ମୀ ଉପସ୍ଥିତ ଥିଲେ । ସମାଜସେବୀ ସୁମନ୍ତ କୁମାର ଭୂୟାଁ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ବିଧାୟକ ଶ୍ରୀ ଶତପଥିଙ୍କ ଚେଷ୍ଟା ଫଳରେ ୫୦ କୋଟି ବ୍ୟୟ ବରାଦରେ ୧୫ ଏକର ଜମି ମଧ୍ୟରେ ୨୨୦/୩୩ କେଭି ବିଦ୍ୟୁତ୍ ସବ ଷ୍ଟେସନର ଶୁଭାରମ୍ଭ କରାଯାଇଛି । ଏହା ଦ୍ୱାରା ୩ଟି ବ୍ଲକ ବଡଚଣା,ମାହାଙ୍ଗା ଓ ବରି ବ୍ଲକର ପ୍ରାୟ ୮ ଲକ୍ଷ ଉପଭୋକ୍ତା ବିଦ୍ୟୁତ୍ ସେବା ପାଇପାରିବେ ବୋଲି ବିଧାୟକ ଶ୍ରୀ ଶତପଥି ପ୍ରକାଶ କରିଥିଲେ । ଲୋକମାନଙ୍କ ବହୁ ଦିନର ଆଶାଆକାଂକ୍ଷା ପୂରଣ ହୋଇଛି । ଅଂଚଳବାସୀ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ବିଧାୟକ ଶ୍ରୀ ଶତପଥିଙ୍କର ଭୂୟସୀ ପ୍ରଶଂସା କରିଛନ୍ତି ।

# ସ୍ୱର୍ଗତ ନରେନ୍ଦ୍ର ପଟେଲଙ୍କ ସ୍ମୃତି ଉଦ୍ଦେଶ୍ୱରେ ଶୁଖିଲା ଖାଦ୍ୟ ବଂଟନ

ନେଉଳପୁର:ବରିଷ୍ଠ ସମାଜସେବୀ ସ୍ୱର୍ଗତ ନରେନ୍ଦ୍ର ପଟେଲଙ୍କ ସ୍ମୃତି ଉଦ୍ଦେଶ୍ୱରେ ତାଙ୍କ ଜ୍ୱାଇଁ ଇଂଜିନିୟର ସୁମନ୍ତ କୁମାର ବେହେରା ଓ ତାଙ୍କ ଝିଅ ରଞ୍ଜିତା ପଟେଲଙ୍କ ଓ ଶାଶ୍ୱତ ବେହେରା ସମେତ ତାଙ୍କ ପରିବାରର ସଦସ୍ୟ ମାନେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ ମାନଙ୍କୁ ଓ ନାହାକାଣୀସ୍ଥିତ ଆଦିବାସୀ ସାହିର ସମସ୍ତ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ କରୋନା ରୋଗରୁ ସୁରକ୍ଷା ପାଇଁ ମ୍ୟାକ୍ସ ବଂଟନ କରିଥିଲେ। ଇଂଜିନିୟର ରଞ୍ଜିତା ପଟେଲ ନିଜ ଦରମାରୁ ଅନ୍ୟ ସମୟରେ ଦୁର୍ବଳ ଶ୍ରେଣୀରେ ଥିବା ଗରିବ, ଦଳିତ ବର୍ଗର ପରିବାରଙ୍କୁ ଆର୍ଥିକ ସହାୟତା କରିଥିଲେ। ତାଙ୍କ ସହିତ ସମାଜସେବୀ ପ୍ରଦୀପ୍ତ କୁମାର ପ୍ରଧାନ, ସ୍ୱେଚ୍ଛାସେବୀ ବଦ୍ରିନାରାୟଣ ପ୍ରଧାନ ଓ ରୁଦ୍ରନାରାୟଣ ପ୍ରଧାନ, ସାମ୍ବାଦିକ ଉତ୍କଳ କେଶରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ସେବାକାର୍ଯ୍ୟକୁ ବଡଚନାର ବହୁ ସ୍ୱେଚ୍ଛାସେବୀ ଶିକ୍ଷାବିତ ଓ ବୃଦ୍ଧିଜୀବୀ ମାନେ ଭୁୟସୀ ପ୍ରଂଶସା କରିଥିଲେ।

# ପାଣିରେ ପଡୁଛି ଅନୁଦାନ ଅର୍ଥ, ବାଟ ହୁଡୁଛି ଯୋଜନା

ଖଣ୍ଡପଡା:ଖଣ୍ଡପଡା ସହରାଂଚଳର ପାରିପାର୍ଶ୍ୱିକ ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ବିଭିନ୍ନ ଯୋଜନା ଜରିଆରେ ଖଣ୍ଡପଡା ଏନଏସି କର୍ତୃପକ୍ଷଙ୍କୁ କୋଟି କୋଟି ଟଙ୍କାର ଅନୁଦାନ ଅର୍ଥ ଯୋଗାଇ ଦେଉଛନ୍ତି । ମାତ୍ର ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁଁ ବିଭିନ୍ନ ସମୟରେ ସରକାରୀ ଯୋଜନା ଗୁଡିକ ବାଟ ହୁଡୁଥିବା ବେଳେ ଆବଶ୍ୟକତା ନଥିବା ସ୍ଥଳେ ଅଯଥାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ତେବେ ଜାହା ସ୍ୱାର୍ଥରେ ଏହି ସବୁ ଯୋଜନା ଗୁଡିକ କାର୍ଯ୍ୟକାରି ହେଉଛି ବୋଲି ସହରବାସୀଙ୍କ ମନରେ ପ୍ରଶ୍ନବାଚି ସୃଷ୍ଟି ହେଉଛି । ସହରବାସୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବାରେ ଏନଏସି କର୍ତୃପକ୍ଷ ସଂପୂର୍ଣ୍ଣ ବିଫଳ ହୋଇଥିବା ବେଳେ କୋଟି କୋଟି ଟଙ୍କା ବ୍ୟୟ ସତ୍ୱେ ମଧ୍ୟ ୩୨ ବର୍ଷ ପରେ ବି ସହରାଂଚଳର ଭାଗ୍ୟ ବଦଳୁନାହିଁ। ୧୩ ଗୋଟି ୱାର୍ଡକୁ ନେଇ ଗଠିତ ଖଣ୍ଡପଡା ସହରାଂଚଳକୁ ରାଜ୍ୟ ସରକାର ସନ ୧୯୮୯ ମସିହାରେ ବିଜ୍ଞାପିତ ଅଂଚଳ ପରିଷଦ ମାନ୍ୟତା ପ୍ରଦାନ କରିଥିଲେ । ବିଜ୍ଞାପିତ ଅଂଚଳ ପରିଷଦ ମାନ୍ୟତା ପାଇବା ପରେ ଖଣ୍ଡପଡା ସହରବାସୀ ଅନେକ କିଛି ଆଶା ରଖିଥିଲେ । ମାତ୍ର ତାହା ଅଦ୍ୟାବଧି ଫଳପ୍ରଦ ହୋଇ ପାରିନାହିଁ । ଠିକାଦାର- ଯନ୍ତ୍ରୀ ମଧୁଚନ୍ଦ୍ରିକା ସାଙ୍ଗକୁ ପ୍ରଶାସନର ସ୍ଥାଣୁତା ଯୋଗୁଁ କିଭଳି ଅନୁଦାନ ଅର୍ଥ ପାଣିରେ ପଡୁଛି ତାହା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକରୁ ସ୍ପଷ୍ଟ ବାରି ହୋଇପଡୁଛି । ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ କାର୍ଯ୍ୟକ୍ରମ



ଜରିଆରେ ଖଣ୍ଡପଡା ସହରର ୧୩ନଂ ୱାର୍ଡରେ ବର୍ଷାଜଳ ଅମଳ ପ୍ରକଳ୍ପ କାର୍ଯ୍ୟ ଓ ତତ୍‌ସଂଲଗ୍ନ ଡ୍ରେନ ନିର୍ମାଣରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଉଛି । ଉକ୍ତ ସ୍ଥାନରେ ଏହି ପ୍ରକଳ୍ପର ଆବଶ୍ୟକତା ନଥିବା ବେଳେ କାହା ନିର୍ଦ୍ଦେଶରେ ଓ କାହା ସ୍ୱାର୍ଥରେ ଉକ୍ତ ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ କରାଗଲା ବୋଲି ଅଂଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ତେବେ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାରଙ୍କ ଦ୍ୱାରା କରାଯାଇଥିବା ଏହି ଉନ୍ନୟନମୂଳକ କାର୍ଯ୍ୟଟି ଅତ୍ୟନ୍ତ ନିମ୍ନମାନର ହେଉଥିବା ୧୩ନଂ ୱାର୍ଡବାସୀ ଅଭିଯୋଗ କରିଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଓ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଖଣ୍ଡପଡାଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ରଙ୍କୁ ଏ ସଂପର୍କରେ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ଖୋର୍ଦ୍ଧା ଉପଖଣ୍ଡରେ ଧାର୍ମିକ ଅନୁଷ୍ଠାନ ଖୋଲିବା ପାଇଁ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା : ଖୋର୍ଦ୍ଧା ଉପଖଣ୍ଡରେ ମନ୍ଦିର, ମସଜିଦ୍, ଚର୍ଚ୍ଚ ଆଦି ଧର୍ମାନୁଷ୍ଠାନ ଖୋଲିବା ପାଇଁ ଏକ ବୈଠକ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅନୁଜ କୁମାର ଦାସପଟ୍ଟନାୟକ, ଖୋର୍ଦ୍ଧା ଉପଜିଲ୍ଲାପାଳ ଆଇ.ଗୌରବ ସିବାଜୀ, ଯୋଗ ଦେଇଥିଲେ। ଅଗଷ୍ଟ ୯ ତାରିଖ ସୋମବାର ଠାରୁ ଖୋର୍ଦ୍ଧା ଉପଖଣ୍ଡରେ ଧାର୍ମିକ ଅନୁଷ୍ଠାନ ସବୁ ଖୋଲିବା ପାଇଁ ନିଷ୍ପତି ନିଆଯାଇଥିଲା। କୋଭିଡ଼ ନିୟମ ପାଳନ ପୂର୍ବକ ଧର୍ମାନୁଷ୍ଠାନ ଗୁଡ଼ିକ ଖୋଲିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଅନୁଜ କୁମାର ଦାସପଟ୍ଟନାୟକ କହିଥିଲେ। ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ମନ୍ଦିର ମସଜିଦ, ଚର୍ଚ୍ଚ ଆଦି ଧର୍ମାନୁଷ୍ଠାନ ଖୋଲା ରହିବ। ମାତ୍ର ସର୍ବସାଧାରଣ ଲୋକମାନେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦର୍ଶନ କରିପାରିବେ ବୋଲି ବୈଠକରେ ଆଲୋଚନା କ୍ରମେ ନିଷ୍ପତି ନିଆଯାଇଥିଲା। ଧର୍ମାନୁଷ୍ଠାନ ଗୁଡ଼ିକରେ ପୂଜା ଓ ନିତିକାନ୍ତି ପାଇଁ କେବଳ ପୂଜକ ଓ ସେବକମାନେ ରାତି ୮ଟା ପର୍ଯ୍ୟନ୍ତ ସେଠାରେ ରହିପାରିବେ। କୋଭିଡ଼ ନିୟମ ପାଳନ ପାଇଁ ଧର୍ମାନୁଷ୍ଠାନରେ ପରିଚାଳନା କମିଟି ବ୍ୟବସ୍ଥା କରିବେ। ପ୍ରତ୍ୟେକ ଧାର୍ମିକ




ଅନୁଷ୍ଠାନ ଆଗରେ କୋଭିଡ଼ ନିୟମ ପାଳନ ପାଇଁ ନୋଟିସ୍ ଲଗାଇବାକୁ ଆଲୋଚନା ହୋଇଥିଲା। ଧାର୍ମିକ ଅନୁଷ୍ଠାନକୁ ପ୍ରବେଶ ପାଇଁ ଥର୍ମାଲ ସ୍କ୍ରିନିଂ କରାଯିବ। ସାମାଜିକ ଦୂରତା ରଖିବା ଓ ମାକ୍ସ ପିନ୍ଧିବା ଆବଶ୍ୟକ। ଧର୍ମାନୁଷ୍ଠାନ ସର୍ବ ସାଧାରଣ ଭୋଗ ନେବେ ନାହିଁ ଓ ମନ୍ଦିର ଆଦି ଧର୍ମାନୁଷ୍ଠାନରେ ସର୍ବ ସାଧାରଣ ପ୍ରସାଦ ସେବନ ହେବ ନାହିଁ। ଧାର୍ମିକ ଅନୁଷ୍ଠାନକୁ ସଫା ସୁତୁରା ରଖାଯିବା ସହିତ ସାନିଟାଇଜ କରାଯିବ। ସମସ୍ତେ କୋଭିଡ଼ ନିୟମ ଅନୁପାଳନ କରିବେ ଏବଂ ଏହା ନମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ରୋଗୀ ଓ ଅସୁସ୍ଥ ଲୋକମାନେ ଧାର୍ମିକ ଅନୁଷ୍ଠାନକୁ ନଯିବା ଉଚିତ। ଧର୍ମାନୁଷ୍ଠାନ ପରିଚାଳନା କମିଟି କୋଭିଡ଼ ନିୟମ ପାଳନ ପାଇଁ ଦାୟିତ୍ୱ ନେବେ। ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ପକ୍ଷରୁ ଧର୍ମାନୁଷ୍ଠାନ ମାନଙ୍କୁ ଆବଶ୍ୟକ ନିୟମାବଳୀ ପଠାଯିବ। ଏହି ବୈଠକରେ ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ ବାଣପୁର ଉପଖଣ୍ଡ ପୁଲିସ ଅଧିକାରୀ ମାନସ ରଂଜନ ବାରିକ ଏବଂ ଖୋର୍ଦ୍ଧା ଉପଖଣ୍ଡ ଅଧିନସ୍ଥ ସମସ୍ତ ତହସିଲଦାର ଯୋଗ ଦେଇ ଧାର୍ମିକ ଅନୁଷ୍ଠାନ ଖୋଲିବା ଜନ ଗହଳି ନ କରିବା ଓ କୋଭିଡ଼ ନିୟମ ପାଳନ ଶାନ୍ତି ଶୃଙ୍ଖଳା ରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବାଣପୁର ଭଗବତୀ ମନ୍ଦିର, ଭୁଷଣ୍ଡପୁର, ଉଗ୍ରତାରା ମନ୍ଦିର, ଗୁରୁଜଙ୍ଗ ଧବଳେଶ୍ୱର ମନ୍ଦିର, ଜାଗୁଲେଇ ପାଟଣା ଜଗନ୍ନାଥ ମନ୍ଦିର, ବରୁଣେଇ ମନ୍ଦିର,ଖୋରଧା, କାଇପଦର ପିରବାବା ମସଜିଦ, କେରଙ୍ଗ ମସଜିଦ, ବାପଟିଷ୍ଟ ଚର୍ଚ୍ଚ, ଖୋରଧାର କର୍ମକର୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ।


**PARADIP PORT TRUST**

**e-TENDER CALL NOTICE**

Name of the Work : **"Maintenance Contract of 47 nos. of CCTV cameras installed inside Harbour area including 03 nos. of parallel monitoring system for the period of 3 years".** Estimated Cost : ₹ **30,87,900.00**. Last date & time of submission of bid : **Dt. 16.08.2021 upto 18.00 Hrs.** Refer our website for details : **https://eprocure.gov.in/eprocure/app.**

***Executive Engineer (PED-I)***

**PPT/PR/76/21-22** Dt.06.08.2021





Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray